ଟିପ୍ପଣୀ

# ଏକକ ୫ କଳାଶିକ୍ଷାରେ ମୂଲ୍ୟାୟନ

**ସଂରଚନା**


୫.୦ : ଉପକ୍ରମ

୫.୧ : ଶିକ୍ଷଣ ଉଦ୍ଦେଶ୍ୟ

୫.୨ : କଳା ଶିକ୍ଷାରେ ମୂଲ୍ୟାୟନ

୫.୩ : କଳାରେ ମୂଲ୍ୟାୟନର ବିଭିନ୍ନ ପ୍ରକାର ସାଧନୀ ଏବଂ କୌଶଳଗୁଡ଼ିକୁ ବୁଝିବା ।

୫.୪ : ମୂଲ୍ୟାୟନର ସୂଚକ ସମୂହ

୫.୫ : କୃତି ପ୍ରସ୍ତୁତି କରିବା (ବ୍ୟବହାରିକ)

୫.୬ : ସାରାଂଶ

୫.୭ : ନିଜ ଆକଳନ ପାଇଁ ଆଦର୍ଶ ଉତ୍ତର

୫.୮ : ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୫.୯ : ପାଠାନ୍ତ ପ୍ରଶ୍ନାବଳୀ


## ୫.୦ ଉପକ୍ରମ :

ଆମେ ସମସ୍ତେ ଏହି ତଥ୍ୟ ସତ୍ୟ ସହିତ ପରିଚିତ ଅଛୁ ଯେ ଜଣେ ଶିକ୍ଷକଙ୍କ ଭୂମିକା କେବଳ କଳାକାର୍ଯ୍ୟର ସୁଗମ ପରିଚାଳନା କରିବାରେ ସରେ ନାହିଁ । ମୂଲ୍ୟାୟନ ହେଉଛି ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଏକ ଅବିଚ୍ଛିନ୍ନ ଅଂଶ । ଶିକ୍ଷକମାନେ ଏହାକୁ ମନେ ରଖିବା ଉଚିତ୍ । ଆମେ ଏହାକୁ ଅନୁଭବ କରିଥିବାରୁ, କଳାର ଗୁରୁତ୍ୱକୁ ଆମେ କେବେ ଉପେକ୍ଷା କରିବା ନିମିତ୍ତ ଚେଷ୍ଟା କରିବା ନାହିଁ । ତେଣୁ ପିଲାର ବିକାଶକୁ ସହଯୋଗ କରିବା ପାଇଁ କଳାରେ ମୂଲ୍ୟାୟନ ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହି ଏକକରେ ବିଭିନ୍ନପ୍ରକାର ମୂଲ୍ୟାୟନ ପ୍ରଣାଳୀ ବୁଝିବାକୁ ପଦକ୍ଷେପ ନିଆଯାଇଛି, ଯଦ୍ୱାରା ବିଭିନ୍ନ ପରିବେଶରେ ତୁମେ ଉପଯୁକ୍ତଟିକୁ ଚୟନ କରିପାରିବ । ଯେକୌଣସି କାର୍ଯ୍ୟ ମଧ୍ୟରେ ଏବଂ ପରେ ତୁମେ ବୁଝିବାକୁ ସମର୍ଥ ହେବ, କେତେବେଳେ ଏବଂ କିପରି କଳା କାର୍ଯ୍ୟ ପ୍ରକ୍ରିୟା ସହ ଫଳାଫଳକୁ ମୂଲ୍ୟାୟନ କରିପାରିବ । ବିଭିନ୍ନ ପ୍ରକାର ସାଧନୀ ଏବଂ କୌଶଳ ବିଷୟରେ ଏହି ପାଠଟି ଆଲୋଚନା କରିଥାଏ ।

## ୫.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

ଏହି ପାଠଟି ପଢ଼ିସାରିଲା ପରେ ତୁମେ ନିମ୍ନୋକ୍ତ କାର୍ଯ୍ୟ କରିବାରେ ସମର୍ଥ ହେବ-

- କଳା ଶିକ୍ଷାର ମହତ୍ୱ ଏବଂ ପିଲାଙ୍କ ଉପରେ ଏହାର ପ୍ରଭାବ ବୁଝିବା
- ପିଲାମାନଙ୍କର ଧାରାବାହିକ ଏବଂ ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟାକୁ ବୁଝିବାରେ ସମର୍ଥ ହେବା
- ମୂଲ୍ୟାୟନର ବିଭିନ୍ନ ସାଧନୀ ଏବଂ କୌଶଳର ତାଲିକା କରିବା ଏବଂ ଉପଯୁକ୍ତ ପ୍ରଣାଳୀର ବ୍ୟାଖ୍ୟା କରିବା
- ଦୁଇ ପ୍ରକାର ସାଧନୀ ମଧ୍ୟରେ ଥିବା ପ୍ରଭେଦକୁ ଦର୍ଶାଇବା

ଟିପ୍ପଣୀ

- ପିଲା ଏବଂ ପିତାମାତାଙ୍କୁ ପ୍ରତିପୃଷ୍ଟି ଜଣାଇବା ।

## ୫.୨ କଳା ଶିକ୍ଷାରେ ମୂଲ୍ୟାୟନ

ପିଲାମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତିର ସ୍ୱୀକୃତି ଏବଂ କେଉଁ କ୍ଷେତ୍ରରେ ଅଧିକ ଶିକ୍ଷଣ ଆବଶ୍ୟକ ତାହା ଚିହ୍ନଟ ପାଇଁ କଳା ଶିକ୍ଷାରେ ମୂଲ୍ୟାୟନକୁ ନିଆଯାଇଛି । ପ୍ରାରମ୍ଭିକ ସ୍ତରରେ ଶିକ୍ଷକ କୌଣସି କଳାର ସୂକ୍ଷ୍ମ କୌଶଳ ଏବଂ ଜ୍ଞାନ ଉପରେ ଦୃଷ୍ଟି ନିକ୍ଷେପ କରିବାର ଆବଶ୍ୟକତା ନାହିଁ । ପିଲାମାନେ ନିଜର ସାମର୍ଥ୍ୟ ଓ ଚିନ୍ତନ ଆଧାରରେ ସେଗୁଡିକୁ ପରିପ୍ରକାଶ କରିବା ଆଶା କରାଯାଏ । ପିଲାମାନଙ୍କୁ କଳ୍ପନା, ଅନୁସନ୍ଧାନ ଓ ଅଭିନବତା ଆଣିବାରେ ସ୍ୱାଧୀନତା ଏବଂ ପରେ ପରିପ୍ରକାଶ କରିବାର ସୁଯୋଗ ଦେବା ଉଚିତ୍ । ନିମ୍ନୋକ୍ତ ଦୃଷ୍ଟିକୋଣ ସହିତ ଜଣକୁ ମୂଲ୍ୟାୟାନକୁ ଦେଖିବାକୁ ହେବ

- ବ୍ୟକ୍ତିଗତ ସୃଜନଶୀଳତା ।
- ଏହା ଆମକୁ ସୂଚାଉଥିବା ଅଭିବ୍ୟକ୍ତି ଓ ଭାବନା ।
- କଳାକାର୍ଯ୍ୟ ପଛରେ ଥିବା ପିଲାର ଉଦ୍ଦେଶ୍ୟ/ଅଭିଳାସ ।
- କାର୍ଯ୍ୟଟିର ଉଦ୍ଦେଶ୍ୟ ଏହାର ଲକ୍ଷ୍ୟ ହାସଲ କରିଛି କି ?
- କେତେ ହାରରେ ?
- ପିଲାର ଚିନ୍ତନ ପ୍ରତି କାର୍ଯ୍ୟଟି କୌଣସି ପାର୍ଥକ୍ୟ ସୃଷ୍ଟି କରିଥିଲା କି ?
- କଳା କାର୍ଯ୍ୟଟି ପିଲାଟିର ଆବଶ୍ୟକତାକୁ କିପରି ପୂରଣ କରୁଛି ?
- କାମର ଗୁଣକୁ ସେ କିପରି ବୃଦ୍ଧି କରିପାରିବ ?

### ୫.୨.୧ କଳା ଶିକ୍ଷାରେ ମୂଲ୍ୟାୟନର ମହତ୍ୱ

ଗୋଟିଏ ପିଲା କାର୍ଯ୍ୟର ଉପାଦେୟତା ଓ ମୂଲ୍ୟର ବ୍ୟବସ୍ଥିତ ଆକଳନ ହିଁ ମୂଲ୍ୟାୟନ ଅଟେ । ପ୍ରତ୍ୟେକ ଜିନିଷ ଯାହା ପିଲା ଭାବେ ଏବଂ ପରିପ୍ରକାଶ କରେ ତାହା ମୂଲ୍ୟାୟନ ହେବା ଆବଶ୍ୟକ । ଆଶା କରାଯାଉଥିବା ପରିବର୍ତ୍ତନ କେତେ ପରିମାଣରେ ହାସଲ ହୋଇଅଛି ତାହା ଖୋଜି ବାହାର କରିବାର ଏହା ଏକ ପ୍ରକ୍ରିୟା ଅଟେ । ଏହା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାଇଗୋଟସ୍କି (Vygotsky )ଙ୍କ ମତରେ ଜଣେ ପ୍ରଶିକ୍ଷକଙ୍କର କାର୍ଯ୍ୟ ହେଉଛି ପିଲାକୁ ତା'ର ବର୍ତ୍ତମାନ ସ୍ତରରୁ ଆଶା କରାଯାଉଥିବା ସ୍ତରକୁ ନେବା । ପିଲାମାନେ କଳା କାର୍ଯ୍ୟଗୁଡ଼ିକରୁ ଲାଭ ପାଉଛନ୍ତି କି ନାହିଁ ତାହା ସ୍ଥିର କରିବା ପାଇଁ ସମୟଭିତ୍ତିକ ମୂଲ୍ୟାୟନ ଗୁରୁତ୍ୱପୂର୍ଣ୍ଣ ଅଟେ । କୌଣସି କଳା କାର୍ଯ୍ୟ ଶେଷରେ ଶିକ୍ଷକ ପ୍ରତିପୁଷ୍ଟି ପାଇବାକୁ ଆବଶ୍ୟକ କରନ୍ତି । ତେଣୁ ମୂଲ୍ୟାୟନର ଉଦ୍ଦେଶ୍ୟ ହେଉଛି-

ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପିଲାଟି କରିଥିବା ଅଗ୍ରଗତି ଜାଣିବା ପାଇଁ

- ଏକ ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ
- ଦୃଶ୍ୟକଳା/ଅଭିନୟ କଳାର ସୃଜନାତ୍ମକ ଅନୁଭୂତି
- ଧାରଣାଗୁଡିକ ସଂପର୍କିତ ଜଣଙ୍କ ଅବଧାରଣାର ସୃଜନାତ୍ମକ ଅଭିବ୍ୟକ୍ତି
- ପିଲାର ବ୍ୟକ୍ତିତ୍ୱରେ ହୋଇଥିବା ପରିବର୍ତ୍ତନର ଆକଳନ କରିବା
- ମଣିଷ ହିସାବରେ ପିଲାଟି ଭିତରେ ଥିବା ତାର ବ୍ୟକ୍ତିଗତ, ସ୍ୱତନ୍ତ୍ର ପ୍ରୟୋଜନ ଏବଂ ଆବଶ୍ୟକତାକୁ ଚିହ୍ନଟ କରିବା ।

- ପିଲାମାନଙ୍କୁ ସେମାନଙ୍କ ଲୁକାୟିତ ସାମର୍ଥ୍ୟକୁ ଉନ୍ମୋଚିତ କରିବା ପାଇଁ ପ୍ରସ୍ତୁତ କରି ସେମାନଙ୍କ ସହାୟତା ଓ ଉନ୍ନତି କରିବା ।
- ସେମାନଙ୍କ ସୃଜନଶୀଳତାକୁ ବିକଶିତ କରିବାପାଇଁ ସାହାଯ୍ୟ କରିବାକୁ ଉପଯୁକ୍ତ ପରିବେଶ ଯୋଗାଇବା ।
- ପିଲାମାନଙ୍କ ସଫଳତାକୁ ପ୍ରଶଂସା କରି ଓ ସେମାନଙ୍କ ପିତାମାତାଙ୍କୁ ତାହା ଜଣାଇ ସେମାନଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବା ।
- ଅଧିକ ଉପଯୁକ୍ତ ଉପାୟରେ ଶିକ୍ଷାଦାନ ଶିକ୍ଷଣ ପରିବେଶର ଯୋଜନା କରିବା ।
- ପିଲାମାନଙ୍କୁ ସେମାନଙ୍କ ସମାଜିକ ଏବଂ ଆବେଗିକ ବ୍ୟବହାର, ସେମାନଙ୍କ ମନୋଭାବ ଏବଂ ମୂଲ୍ୟବୋଧଗୁଡ଼ିକର ଅଧାରେ ବୁଝିବା ।

**ନିଜ ଅଗ୍ରଗତି ଆକଳନ-୧**

୧. କଳା ମୂଲ୍ୟାୟନର ଉଦ୍ଦେଶ୍ୟକୁ ବୁଝାଅ ।

------------------------------------------------------------------------

------------------------------------------------------------------------

୨. ମୂଲ୍ୟାୟନ କିପରି ଶିକ୍ଷାଦାନ ଯୋଜନା ଏବଂ ପଦ୍ଧତିରେ ସାହାଯ୍ୟ କରେ ? ଯେକୌଣସି ଉଦାହରଣ ଦେଇ ବୁଝାଅ ।

------------------------------------------------------------------------

------------------------------------------------------------------------

**୫.୨.୨ କଳା ମୂଲ୍ୟାୟନ ହୁଏ କିପରି ?**

ମୂଲ୍ୟାୟନର ଦୁଇଟି ଦିଗ ଅଛି ।

୧. ସ୍ୱ ମୂଲ୍ୟାୟନ

୨. ଶିକ୍ଷାର୍ଥୀ ମୂଲ୍ୟାୟନ

**୧. ସ୍ୱ ମୂଲ୍ୟାୟନ :-**

କଳା ଶିକ୍ଷାରେ ଶିକ୍ଷକମାନେ ସେମାନଙ୍କ ସାମର୍ଥ୍ୟକୁ ଆକଳନ କରିବା ଉଚିତ୍ ଏବଂ ଉନ୍ନତିର କ୍ଷେତ୍ର ଚିହ୍ନଟ କରିବା ଦରକାର । ସେମାନେ ନିଜକୁ ଏହି ପ୍ରଶ୍ନଗୁଡ଼ିକ ପଚାରି ପାରିବେ ।

- ମୁଁ କେତେ ପରିମାଣରେ ମୋ ପିଲାମାନଙ୍କ ସହ ପରିଚତ ?
- ମୁଁ ମୋର ଶିକ୍ଷାର୍ଥୀମାନଙ୍କୁ କିପରି ପର୍ଯ୍ୟବେକ୍ଷଣ କରୁଅଛି ?
- ମୁଁ କିପରି ଏକ କଳାକାର୍ଯ୍ୟର ଯୋଜନା ଏବଂ ପରିଚାଳନା କଲି ?
- ମୁଁ ପ୍ରଦାନ କରିଥିବା ଅନୁଭୂତିର ଫଳ ସ୍ୱରୂପ ଶିକ୍ଷାର୍ଥୀଙ୍କ ଶିକ୍ଷଣ କେତେ ପରିମାଣରେ ବୃଦ୍ଧି ହୋଇଛି ।
- ଶିକ୍ଷଣ ଏବଂ ଅନୁସନ୍ଧାନ ପାଇଁ ମୁଁ କିପରି ସୁବିଧା ସୁଯୋଗ ଅନ୍ତର୍ଭୁକ୍ତ କରିଅଛି ?

ଜଣେ ଶିକ୍ଷକ ବିଭିନ୍ନ କର୍ମଶାଳା ଓ ଆଲୋଚନାରେ ଯୋଗଦାନ କରି ଏବଂ ଅନ୍ୟ ଉତ୍ତମ ଶିକ୍ଷକମାନଙ୍କ ସହ କାର୍ଯ୍ୟଜାଲ ବିକଶିତ କରି ନିଜ ଜ୍ଞାନ ବଢ଼ାଇବା ପାଇଁ ପଦକ୍ଷେପ ନେଇପାରିବେ ।

ଟିପ୍ପଣୀ

କଳା ଅଭିଜ୍ଞତା ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତା ପୂରଣ କରୁଛି କି ନାହିଁ ତାହା ଜାଣିବାର ଆବଶ୍ୟକତା ରହିଛି । କଳାକାର୍ଯ୍ୟ ମନୋନୟନ ଏବଂ ଏହାର ଫଳପ୍ରଦତା ବିଚାର କରିବା ପାଇଁ ଏହି ମୂଲ୍ୟାୟନ ଅନ୍ତର୍ଭୁକ୍ତ ଥାଏ । ପରବର୍ତ୍ତୀ ସମୟ ପାଇଁ କିଛି ବିକାଶର ଯୋଜନା କରିବା ଏହି ମୂଲ୍ୟାୟନର କାରଣ ଅଟେ । ପ୍ରଣାଳୀ, ଜାଗା, ସମ୍ବଳ ସମୂହ କିମ୍ବା ଉପକରଣଗୁଡିକରେ ପରିବର୍ତ୍ତନ ଯାହା ଶିକ୍ଷକ ସୁଗମ କରିବାର ଆଶାକରାଯାଏ ତାହା ଏହି ଉନ୍ନତିରେ ଅନ୍ତର୍ଭୁକ୍ତ ହେବ । ମୂଲ୍ୟାୟନ, ଅଧିବେଶନ ଶେଷରେ ପରିଚାଳନା ହେବା ଉଚିତ୍ ନୁହେଁ ବରଂ ଏହା ପ୍ରକ୍ରିୟାରେ ବିଦ୍ୟମାନ ହେବା ଉଚିତ । ଯଦି କୌଣସି ଏକ କଳା ଅନୁଭୂତି ପିଲାମାନଙ୍କଦ୍ୱାରା ଭଲଭାବରେ ଗ୍ରହଣ ହୋଇ ନଥିବା ଦେଖାଯାଏ ଏବଂ ଏଥିରେ ପିଲାର ଅଂଶ ଗ୍ରହଣ କରିନଥିବା ଜଣାପଡ଼େ ତେବେ ଶିକ୍ଷକ ଅନୁସନ୍ଧାନ କରି ଆଶୁ ବ୍ୟବସ୍ଥା କରିବା ଆବଶ୍ୟକ ।

**ବିଦ୍ୟାର୍ଥୀଙ୍କ ମୂଲ୍ୟାୟନ:**

ଯେତେବେଳେ ଶିକ୍ଷକମାନେ ନିୟମିତ ଭାବରେ ଅଗ୍ରଗତିକୁ ପର୍ଯ୍ୟବେକ୍ଷଣ କରୁଛନ୍ତି ସେତେବେଳେ କଳାରେ ମୂଲ୍ୟାୟନ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହ ଚାଲେ । ଏଥିରେ କିଛି ସମୟ ବ୍ୟବଧାନ ରହିବା ମଧ ଦରକାର ହେବ । ଆମେ ଏହାକୁ ଦୁଇଟି ବାଟରେ ବୁଝିପାରବା । ମୁଲ୍ୟାୟନ ଧାରାବାହିକ ଓ ସମାଗ୍ରିକ ହେବା ଆବଶ୍ୟକ । ଧାରାବାହିକତା ଆକଳନରେ ନିୟମିତତାକୁ ସୁଚାଏ । ଏହା ନିୟମିତ ଆଧାରରେ କରାଯାଏ । ଯେତେବେଳେ ପାଠ ଆଗେଇ ଚାଲି ଥାଏ ଏବଂ ସେତେବେଳେ ଶିକ୍ଷଣରେ ଉନ୍ନତି ପାଇଁ ଏହା କରାଯାଏ । ଗୋଟିଏ ବର୍ଷର ଶେଷରେ ଶିକ୍ଷାର୍ଥୀକୁ ଦିଆଯାଇଥିବା ଚୂଡ଼ାନ୍ତ ସ୍ତରକୁ ସାମଗ୍ରିକତା ସୂଚିତ କରେ ।

କ) ଏହା ଅତ୍ୟାବଶ୍ୟକ ଯେ ପିଲା ବ୍ୟକ୍ତିତ୍ୱର ସମସ୍ତ କ୍ଷେତ୍ରଗୁଡିକ ଯଥା ପେଶୀ କୌଶଳ, ବୌଦ୍ଧିକ, ସମାଜିକ ଆଦି ଫଳପ୍ରଦ ହେବା ଉଚିତ୍ । ଏହା ଉଭୟ ବୌଦ୍ଧିକ ଏବଂ ସହ ବୌଦ୍ଧିକ ସହିତ ଆଗ୍ରହ, ମନୋଭାବ ଏବଂ ମୂଲ୍ୟବୋଧ ସମୂହକୁ ଆଚ୍ଛାଦିତ କରିଥାଏ ବା ବିସ୍ତାରିତ ହୋଇଥାଏ ।

ଖ) କଳାର କେତେକ ଦିଗ ବାସ୍ତବ ଉତ୍ପନ୍ନକୁ ସେହି ଭଳି ଦୃଶ୍ୟ କଳାରେ ଅନ୍ତର୍ଭୁକ୍ତ କରିଥିବା ବେଳେ ଶିକ୍ଷଣର କେତେକ ଦିଗ କାର୍ଯ୍ୟସମୂହ ବା ବ୍ୟବହାର କିମ୍ବା ପ୍ରଦର୍ଶନ ରୂପରେ ହୋଇଥାଏ ଯାହାକୁ ପରବର୍ତ୍ତୀ ପ୍ରତିଫଳନ ଏବଂ ମୂଲ୍ୟ ନିରୂପଣ ପାଇଁ ସହଜରେ ଧରି ରଖାଯାଇପାରିବ ନାହିଁ । ଅଭିନୟ କଳାଗୁଡ଼ିକରେ ଏକ ନିୟମିତ ପର୍ଯ୍ୟବେକ୍ଷଣ, ଆକଳନ ଆବଶ୍ୟକ ହୋଇଥାଏ ।

ଗ) ପ୍ରାରମ୍ଭିକ ସ୍ତରରେ ପ୍ରକ୍ରିୟା ଫଳାଫଳଠାରୁ ଗୁରୁତ୍ୱପୂର୍ଣ୍ଣ । ବରଂ କଳା ପ୍ରଦର୍ଶନ ଶିକ୍ଷଣ କାର୍ଯ୍ୟ ପରିପୂର୍ଣ୍ଣତା କିମ୍ବା ଧରବନ୍ଧା ଭାବେ ନ ହୋଇ ଅଧିକ ଉପଭୋଗ୍ୟ ହେବା ଆବଶ୍ୟକ ।

ଘ) ପର୍ଯ୍ୟବେକ୍ଷଣ ମାନଦଣ୍ଡ ଏବଂ ନଥିପତ୍ର ରଖିବା ନିର୍ଦ୍ଧାରଣ କରିବା ଶିକ୍ଷାର୍ଥୀଙ୍କ ମୂଲ୍ୟାୟନର ଦୁଇଟି ମୁଖ୍ୟ ଆହ୍ୱାନ ଅଟେ । ବ୍ୟକ୍ତିଗତ ସଂକ୍ଷିପ୍ତ ବିବରଣୀ ଫର୍ଦ୍ଦ ଶିକ୍ଷକ ପ୍ରସ୍ତୁତ କରିବା ଦରକାର ।

ଜଣେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସୃଜନାତ୍ମକ ସମସ୍ୟା ସମାଧାନ, ନୂତନ ଜିନିଷମାନଙ୍କର ଚେଷ୍ଟା ପାଇଁ ସେମାନଙ୍କ ଇଚ୍ଛୁକତା ଏବଂ ନିର୍ଣ୍ଣୟକ ଚିନ୍ତନର ପ୍ରୟୋଗ ସହିତ ସେମାନଙ୍କ ସଂଘର୍ଷକୁ ପର୍ଯ୍ୟବେକ୍ଷଣ କରିବା । କଳାକାର୍ଯ୍ୟର ଶେଷ ଉତ୍ପନ୍ନ କଳାରେ ପିଲାର ଅଭିଜ୍ଞତା, ବୁଝାମଣା ଏବଂ ବିକାଶର କେବଳ ଆଂଶିକ ଦୃଶ୍ୟ ଦେଖାଇବ । ଏକ ସମ୍ପୂର୍ଣ୍ଣ ଏବଂ ସନ୍ତୁଳିତ ଆକଳନ ଉପଲବ୍ଧି ପାଇଁ ବିଦ୍ୟମାନ ଥିବା ପର୍ଯ୍ୟବେକ୍ଷଣ ଏକାନ୍ତ ଆବଶ୍ୟକ । କଳାରେ ଉତ୍ପନ୍ନ କିମ୍ବା କାର୍ଯ୍ୟ ସମ୍ପାଦନର ଆକଳନ ବେଳେ ବ୍ୟକ୍ତିଗତ କଳାକାର୍ଯ୍ୟ, କୃତି, ଦୃଶ୍ୟଶ୍ରାବ୍ୟ ଏବଂ ପ୍ରଦର୍ଶନଗୁଡ଼ିକ ପର୍ଯ୍ୟବେକ୍ଷଣ କରି ଛାତ୍ରଛାତ୍ରୀମାନେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ କେତେ ପରିମାଣରେ ହାସଲ କରିଛନ୍ତି ତାହା ଶିକ୍ଷକ ସ୍ଥିର କରିପାରନ୍ତି । ଶିକ୍ଷକ ସବୁବେଳେ ସେମାନଙ୍କ ପିଲାମାନଙ୍କ ସହ କ୍ରିୟା ପ୍ରତିକ୍ରିୟା କରିବା ଉଚିତ୍ ।

**ଘଟଣାବଳୀ ଅଧ୍ୟୟନ :**

ଜଣେ ଶିକ୍ଷକ ପିଲାମାନଙ୍କର ବ୍ୟବହାରିକ ଦିଗକୁ ଜାଣିବାକୁ ଚାହିଁଲେ । ସେ ଗୋଟିଏ କଳା କାର୍ଯ୍ୟ ପରିଚାଳନା କଲେ । କଳାରେ କୌଶଳ ଏବଂ ଜ୍ଞାନ ବିଚାର କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । କିନ୍ତୁ ଅଂଶ ଗ୍ରହଣ, ସହଯୋଗ, ନିର୍ଣ୍ଣାୟକ ଚିନ୍ତନଗୁଡ଼ିକ ଏହାର ମାନଦଣ୍ଡ ଥିଲା । ତେଣୁ ସେ ମୂଲ୍ୟାୟନ କଲେ:-

- ସମ୍ପୂର୍ଣ୍ଣ ରୂପେ କେବଳ କଳାର ପ୍ରକ୍ରିୟା ଏବଂ ପିଲାମାନଙ୍କ ଦ୍ୱାରା କାର୍ଯ୍ୟ ପ୍ରତି ପନ୍ଥାର ଆଭିମୁଖ୍ୟ ପର୍ଯ୍ୟବେକ୍ଷଣ ।
- ପିଲାମାନଙ୍କ ଦ୍ୱାରା ସାଙ୍ଗସାଥିଙ୍କ ପରିଚାଳନାର ପର୍ଯ୍ୟବେକ୍ଷଣ ସେ କରିଥିଲେ ।

**ନିଜ ଅଗ୍ରଗତି ଆକଳନ-୨**

୧.ସାମଗ୍ରିକ ମୂଲ୍ୟାୟନ କ'ଣ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

୨. ଉପରୋକ୍ତ ଘଟଣା ଅଧ୍ୟୟନ ବିଷୟରେ ତୁମେ କ'ଣ ଭାବୁଛ ? ତୁମ ମତ ଦେଇ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------

**୫.୨.୩ କଳା ଅଭିଜ୍ଞତାକୁ ମୂଲ୍ୟାୟନ କଲାବେଳେ କଣ ମନେ ରଖିବାକୁ ପଡ଼ିବ**

- ଗୋଟିଏ ପିଲାର କଳାରେ କିଛି ସମୟ ଦିଅ ।
- ସେମାନଙ୍କର କାର୍ଯ୍ୟକୁ ସମ୍ମାନ କର ।
- ଉତ୍ସୁକତା ଦେଖାଅ ଏବଂ କଳା କାର୍ଯ୍ୟ କଲାବେଳେ ସେମାନେ କଣ ଅନୁଭବ କରିଥିଲେ ପଚାର ।
- ଗୋଟିଏ ପିଲା ସହିତ ଆଉ ଗୋଟିଏ ପିଲାକୁ ତୁଳନା କରନାହିଁ ।
- ପିଲାମାନଙ୍କର କାର୍ଯ୍ୟକୁ ଆଡ଼େଇ ଦିଅ ନାହିଁ ।
- ପିଲାର ବ୍ୟକ୍ତିଗତ ପ୍ରଗତିର ଏହା ହେଉଛି ଏକ ଆକଳନ ।
- ଆକଳନ ପ୍ରକ୍ରିୟା ଶେଷ ହେଲା ପର୍ଯ୍ୟନ୍ତ କଳା କାର୍ଯ୍ୟକୁ ସଂରକ୍ଷିତ କର ।
- ଯାହା ଉପରେ ପିଲା କାର୍ଯ୍ୟ କରିବାକୁ ଆବଶ୍ୟକ କରୁଛି ତାହା ଉପରେ ନିର୍ଦ୍ଦିଷ୍ଟ ପ୍ରତିପୁଷ୍ଟି ଦିଆଯିବା ଉଚିତ୍ ।
- କହିବା ପୂର୍ବରୁ ଭାବ, ତୁମର ଟିପ୍ପଣୀ ସଂବେଦନଶୀଳ, ଉପକାରୀ ଏବଂ ପିଲାର ଭଲପାଇଁ ହେବା ଉଚିତ୍ ।
- ସମାପ୍ତି ଆଡକୁ ଡିଅଁ ନାହିଁ ।
- ଶିକ୍ଷକଙ୍କ ଦ୍ୱାରା ଦିଆଯାଉଥିବା ପ୍ରତିପୁଷ୍ଟି ସଂକ୍ଷିପ୍ତ ହେବା ଆବଶ୍ୟକ, ଯାହା ଫଳରେ ପିଲାଟି ସ୍ୱଷ୍ଟ ଭାବେ ବୁଝିପାରିବ ।



ଟିପ୍ପଣୀ

♦ ଭଲ କିମ୍ବା ମନ୍ଦ ସମ୍ବନ୍ଧରେ ବିଚାର ହେବା ଉଚିତ ନୁହେଁ ।

**୫.୨.୪ ମୂଲ୍ୟାୟନକୁ କିପରି ଜଣାଇବା:**

♦ ପିଲାମାନେ ଦୀର୍ଘ ଦିନ ଧରି ଅନେକଗୁଡ଼ିଏ କଳାକାର୍ଯ୍ୟ ଏବଂ ଅଭିନୟମାନ କରନ୍ତି । ଯଦି ଜଣେ ଶିକ୍ଷକ ଏହି ସବୁ କାର୍ଯ୍ୟର ସୂଚନା ଓ ପ୍ରମାଣ ରଖନ୍ତି ଏବଂ କାର୍ଯ୍ୟଗୁଡ଼ିକୁ ଉପଯୁକ୍ତଭାବେ ଲିପିବଦ୍ଧ କରନ୍ତି ତେବେ ସେ ପିଲା ଏବଂ ପିତାମାତାଙ୍କୁ ସମୟ ସମୟରେ ପ୍ରତିପୁଷ୍ଟି ଜଣାଇ ପାରିବେ ।



♦ କଳା ବିଷୟରେ ସେମାନଙ୍କ ସମର୍ଥ୍ୟ ଏବଂ ଦୁର୍ବଳତା ସେମାନଙ୍କୁ ଅବଗତ କରିବା ପାଇଁ ଶିକ୍ଷକ ଏହି ପ୍ରତିପୁଷ୍ଟି ଯୋଗାଇଥାନ୍ତି । ଭବିଷ୍ୟତରେ କେଉଁ ଅଂଶ ଉପରେ ସେମାନେ କାର୍ଯ୍ୟ କରିବାକୁ ଆବଶ୍ୟକ କରନ୍ତି ତାହା ଜଣା ପଡେ । ପ୍ରତିଯୋଗିତା ଏବଂ ପୁରଷ୍କାର ପରିବର୍ତ୍ତେ ମନ୍ତବ୍ୟଗୁଡିକ ପିଲାମନାଙ୍କୁ ଅଭିପ୍ରେରିତ କରିବା ଆବଶ୍ୟକ । ଏକ ଗୁଣାତ୍ମକ ଢଙ୍ଗରେ ବିବରଣୀ ପତ୍ରରେ ଜଣାଇ ଦେବା ଭଲ ହେବ । କାର୍ଡ ସରଳ ଏବଂ ସାବଲୀଳ ଉକ୍ତି ସହିତ ଏକ ପ୍ରତିଫଳନ ପତ୍ର କରାଯାଇପାରିବ, ଯେଉଁଥିରେ ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣଗୁଡିକୁ ଦିଆଯାଇପାରିବ ।

♦ ଏହି ସ୍ତରରେ ମୂଲ୍ୟାୟନ ନମନୀୟ ହେବା ଉଚିତ ଏବଂ ପିଲାମାନେ ଏହାର ମୂଲ୍ୟକୁ ଅନୁଭବ ନିଶ୍ଚିତ କରିବା ଉଚିତ୍ କାରଣ ସେମାନେ ଭାଲଭାବରେ ଶିଖନ୍ତି ଯେତେବେଳେ ସେମାନେ ସମାଲୋଚିତ ହୁଅନ୍ତି ନାହିଁ । ଯାହାହେଉନା କାହିଁକି ପିଲାର ଯେଉଁ କ୍ଷେତ୍ରରେ ମନଯୋଗ ଏବଂ ଉନ୍ନତି ଆବଶ୍ୟକ, ତାହା ବୁଝିବା ପାଇ ପ୍ରତିପୁଷ୍ଟି ସଂକ୍ଷିପ୍ତ ହେବା ଦରକାର ।

♦ ଅନ୍ୟ ବାଟରେ ପ୍ରତିପୁଷ୍ଟି ଜଣାଇବା ପାଇଁ ପ୍ରତି ତିନି/ଚାରି ମାସରେ ବିଦ୍ୟାଳୟ ମଧ୍ୟରେ ଛୋଟ ପ୍ରଦର୍ଶନୀ ସଂଗଠନ କରିବାକୁ ହେବ, ଯେଉଁଠାରେ ପିଲାମାନଙ୍କର ଦୃଶ୍ୟକଳା କାର୍ଯ୍ୟଗୁଡ଼ିକ ପିତାମାତା ଏବଂ ଅନ୍ୟ ପିଲାମାନଙ୍କ ପାଇଁ ପ୍ରଦର୍ଶିତ କରାଯାଇପାରିବ । ଛାତ୍ରଛାତ୍ରୀ ଏବଂ ପିଲାମାନଙ୍କ ଲାଭ ପାଇଁ କେତେକ ସାଂସ୍କୃତିକ ଅଭିନୟ ମଧ୍ୟ କରାଯାଇପାରିବ ।

♦ ଲିପିବଦ୍ଧକରଣ ପାଇଁ ସହପାଠୀ ମୂଲ୍ୟାୟନ ଜରିଆରେ ଶିକ୍ଷକ ସୂଚନା ଏକତ୍ରିତ କରିବା ଉଚତ୍ ଏବଂ ପରେ ବାର୍ଷିକ ବିବରଣୀ ପତ୍ର ପାଇଁ ଏହା ସହାୟକ ହୋଇପାରିବ ।

ଶିକ୍ଷକ କିପରି ଆକଳନକୁ ପିଲାଙ୍କୁ ଜଣାଇଥିଲେ ତାହାର କେତେକ ଉଦାହରଣ ଏଠାରେ ଅଛି ।

**ଉଦାହରଣ -୧**

♦ ଗୋଟିଏ ପ୍ରଦର୍ଶନ ଫଳକ ଉପରେ କେତେକ ପିଲାର ଚିତ୍ରାଙ୍କନକୁ ଶିକ୍ଷକ ପ୍ରଦର୍ଶନ କଲେ ଏବଂ ଏହା ଉପରେ ମତାମତ ଦେବା ପାଇଁ ତାକୁ କହିଲେ । ସେ କେତେଗୁଡ଼ିଏ ପ୍ରଶ୍ନ ପଚାରିଲେ ।

♦ ଏହି ଚିତ୍ରାଙ୍କନ ମଧ୍ୟରୁ କେଉଁଟିକୁ ତୁମେ ଅଧିକ ପସନ୍ଦ କର ?

♦ ତୁମେ ଏହାକୁ କାହିଁକି ପସନ୍ଦ କର ?

♦ ଏକ ଉତ୍ତମ ଉପାୟରେ ଏହା ପ୍ରକାଶ କରାଯାଇ ପାରିବ ବୋଲି ତୁମେ ଭାବୁଛ କି ?

♦ ଚିତ୍ର ସଂପର୍କିତ ସବୁଠାରୁ ଆକର୍ଷଣକ୍ଷମ କ'ଣ ତୁମେ ଦେଖିବାକୁ ପାଅ ?

ଉପରୋକ୍ତ ଉତ୍ତର ଆଧାରରେ ଗୋଟିଏ ପିଲାର ସ୍ୱ ମୂଲ୍ୟାୟନ ସୁବିଧା ଶିକ୍ଷକ ପାଇଲେ ।

**ଉଦାହରଣ-୨**

ଥରେ ଜଣେ ଶିକ୍ଷକ ସହପାଠୀ ମୂଲ୍ୟାୟନର ସୁବିଧା ଚାହିଁଲେ । ସେ ପିଲାମାନଙ୍କୁ ପତ୍ର ସାହାଯ୍ୟରେ ପଶୁମାନଙ୍କର ଆକାର ପ୍ରସ୍ତୁତ କରିବା ପାଇଁ ଗୋଟିଏ ସୁଯୋଗ ଦେଲେ । ପରେ ସେ ସମସ୍ତ କାର୍ଯ୍ୟକୁ କାନ୍ଥ ଉପରେ ପ୍ରଦର୍ଶନ କଲେ ଏବଂ ଆଲୋଚନା କରି ଟିପ୍ପଣୀ ଦେବାପାଇଁ ପିଲାମାନଙ୍କୁ କିଛି ସମୟ ଦେଲେ । ପିଲାମାନେ ସେମାନଙ୍କ କାର୍ଯ୍ୟକୁ ଏପରି ଦେଖି ଅତ୍ୟୁତ୍ସାହୀ ହୋଇପଡିଲେ । ସେମାନେ ନିଜ କାର୍ଯ୍ୟକୁ ଅନ୍ୟମାନଙ୍କ ସହ ତୁଳନା କଲେ ଏବଂ ଏକ ସୁସ୍ଥ ମାନସିକତାରେ ପରସ୍ପର କାର୍ଯ୍ୟର ପସନ୍ଦ ଏବଂ ନାପସନ୍ଦ ସହଜରେ କଲେ ।

**ଉଦାହରଣ-୩**

ଥରେ ଜଣେ ତୃତୀୟ ଶ୍ରେଣୀ ଶିକ୍ଷକ ତାଙ୍କ ପିଲାମାନଙ୍କୁ ପ୍ରଶଂସା ପତ୍ର ଦେବାପାଇଁ ନିଷ୍ପତ୍ତି ନେଲେ । ଯାହା ଉପରେ ସମ୍ମାନ ଏବଂ ପର୍ଯ୍ୟବେକ୍ଷଣ ବ୍ୟକ୍ତ କରାଯାଇଥିଲା । ଏହି ସମ୍ମାନଗୁଡ଼ିକ ପିଲାମାନଙ୍କର ବ୍ୟକ୍ତିଗତ ସଂକ୍ଷିପ୍ତ ବିବରଣୀ ଫର୍ଦ୍ଦ ଓ କୃତି ଉପରେ ପର୍ଯ୍ୟବେଶିତ ହୋଇଥିଲା । ସେ ସେମାନଙ୍କର କାର୍ଯ୍ୟ ବିଶ୍ଳେଷଣ କଲେ ଏବଂ ମତାମତ ପ୍ରଶଂସା ପତ୍ରରେ ଲେଖିଲେ । ସେ ତାଙ୍କର ମୂଲ୍ୟବାନ ମତାମତରେ ପିଲାମାନଙ୍କର ପ୍ରଶଂସା ଏବଂ ଉନ୍ନତି କରିବାକୁ ଚେଷ୍ଟା କରିଥିଲେ ।

**ନିଜ ଅଗ୍ରଗତି ଆକଳନ - ୪**

୧. କାହାପାଇଁ ମୂଲ୍ୟାୟନ ଫଳାଫଳ ଗୁରୁତ୍ୱପୂର୍ଣ୍ଣ ଅଟେ ?

------------------------------------------------------------------------

------------------------------------------------------------------------

୨. ସହପାଠୀ ଦ୍ୱାରା ମୂଲ୍ୟାୟନ କହିଲେ ତୁମେ କ'ଣ ବୁଝ ?

------------------------------------------------------------------------

------------------------------------------------------------------------

## ୫.୩ କଳାରେ ମୂଲ୍ୟାୟନର ବିଭିନ୍ନପ୍ରକାର ସାଧନୀ ଏବଂ କୌଶଳଗୁଡ଼ିକୁ ବୁଝିବା

କଳା ମୂଲ୍ୟାୟନ ପାଇଁ ବହୁତ ପ୍ରକାର ସାଧନୀ ଏବଂ କୌଶଳମାନ ରହିଛି । ମୂଲ୍ୟାୟନ ପାଇଁ କୌଣସି ଗୋଟିଏ ପ୍ରକାର ସାଧନୀ ବିଶ୍ୱାସନୀୟ, ବୈଧ ସାମଗ୍ରିକ ଏବଂ ବ୍ୟବହାର ଯୋଗ୍ୟ ହୋଇପାରିବନାହିଁ । ନିରବଚ୍ଛିନ୍ନ ମୂଲ୍ୟାୟନର ବିଭିନ୍ନ ପ୍ରକାର ଉଦ୍ଦେଶ୍ୟ କିମ୍ବା ଫଳାଫଳ ଅଛି । କଳା ମୂଲ୍ୟାୟନରେ ସାଧାରଣ ଭାବେ ଯେଉଁ ସାଧନୀଗୁଡ଼ିକ ବ୍ୟବହାର ହୁଏ, ଶିକ୍ଷକ ସେଗୁଡ଼ିକ ସହିତ ପରିଚିତ ହେବା ଉଚିତ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ କେବଳ ଗୋଟିଏ ଉପଯୁକ୍ତ ସାଧନୀ ବ୍ୟବହାର କରି ଜଣେ ସଠିକ୍ ଫଳାଫଳ ପାଇ ପାରିବ ।



### ୫.୩.୧ ସାଧନୀ ଓ କୌଶଳଗୁଡ଼ିକର ଅର୍ଥ

ବୃଦ୍ଧିର ଏକ ସାମଗ୍ରୀକ ବିବରଣୀ ପ୍ରସ୍ତୁତି ନିମିତ୍ତ ଶିକ୍ଷକଙ୍କୁ ବହୁ ଭାବରେ ସଠିକ୍ ପର୍ଯ୍ୟବେକ୍ଷଣ ଏବଂ ନଥିପତ୍ର ତତ୍ତ୍ୱାବଧାନ ସହିତ ବିଭିନ୍ନ ପ୍ରକାର ଆକଳନ କୌଶଳ ଉପରେ ଭରସା କରିବାକୁ ପଡ଼ିବ । ଗଚ୍ଛିତ କରି ରଖିବା ସାମର୍ଥ୍ୟ ଅଭାବରୁ ଗୋଟିଏ ବୃହତ୍ତର କାର୍ଯ୍ୟ କିମ୍ବା ତ୍ରିମାତ୍ରିକ କାର୍ଯ୍ୟକୁ ଗୋଟିଏ ବର୍ଷ ଶେଷ ପର୍ଯ୍ୟନ୍ତ ସାଇତି ରଖିବା କଷ୍ଟକର ହୋଇପାରେ । ତେଣୁ ସର୍ଜନା ସମୟରେ କିମ୍ବା କାର୍ଯ୍ୟ ସମୟରେ ଏଗୁଡିକର ମୂଲ୍ୟାୟନ ହେବା ଦରକାର । ଜଣେ ଶିକ୍ଷକ ମୂଲ୍ୟାୟନ ପାଇଁ ଉପଯୁକ୍ତ ସାଧନୀ ମନୋନୟନ କରିବାକୁ ହେବ । ଏଠାରେ କେତେକ

ଟିପ୍ପଣୀ

ମୌଳିକ ସାଧନୀ ଏବଂ କୌଶଳ ରହିଛି, ଯାହା ଶିକ୍ଷାର୍ଥୀଙ୍କ ସ୍ୱମୂଲ୍ୟାୟନ ପାଇଁ ବ ଅଧ୍ୟକ୍ଷ କିମ୍ବା ପିତାମାତାଙ୍କୁ ଶିକ୍ଷାର୍ଥୀଙ୍କ ଅଗ୍ରଗତି ସଂପର୍କିତ ବିବରଣୀ ପ୍ରଦାନ ବେଳେ ମୂଲ୍ୟବାନ ସାବିତ ହୁଏ ।

## ୫.୩.୨ ବିଭିନ୍ନ ପ୍ରକାର ସାଧନୀ ଓ କୌଶଳ:

କ) ପର୍ଯ୍ୟବେକ୍ଷଣ ଫର୍ଦ୍ଦ ଖ) ପ୍ରକଳ୍ପ ସମୂହ ଗ) କୃତି ଘ) ତନଖି ତାଲିକା

ଙ) ନିର୍ଦ୍ଧାରଣ ମାପକ ଚ) ଘଟଣାବଳୀ ବବରଣ ଛ) ପ୍ରଦର୍ଶନ ଇତ୍ୟାଦି ।




### ୫.୩.୨.୧ ପର୍ଯ୍ୟବେକ୍ଷଣ ଫର୍ଦ୍ଦ:

ଜଣେ ଶିକ୍ଷକଙ୍କ ପାଖରେ ଥିବା ଉତ୍ତମ ପର୍ଯ୍ୟବେକ୍ଷଣ କୌଶଳ ତାଙ୍କ ନିଜ ପାଇଁ ଅତ୍ୟାବଶ୍ୟକ ମୂଲ୍ୟାୟନ ସମ୍ପତ୍ତି ଅଟେ । ଏହା ମଧ୍ୟ ଏକ କୌଶଳ ଯାହାକୁ ଅଭ୍ୟାସ ଦ୍ୱାରା ବିକଶିତ କରାଯାଇପାରିବ । ଅଭ୍ୟାସ କରିବା ନିମିତ୍ତ ପିଲାର ପ୍ରତ୍ୟେକ ଅବବୋଧ ଏବଂ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା ପାଇଁ ତୁମେ ତୁମର ଆଖି ଏବଂ କାନ ସବୁବେଳେ ଖୋଲାରଖ । ସେମାନେ କିପରି କାମ କରୁଛନ୍ତି ? ଅନ୍ୟମାନଙ୍କ ସହ ସେମାନଙ୍କର ବ୍ୟବହାର କ'ଣ ? ସେମାନେ ସେମାନଙ୍କର ସମ୍ବଳ ସବୁ କିପରି ବ୍ୟବହାର କରୁଛନ୍ତି ? ସେମାନେ କ'ଣ ଏବଂ କେଉଁ ଉପାୟରେ ସୃଷ୍ଟି କରୁଛନ୍ତି ? ସେମାନଙ୍କର କଳାକାର୍ଯ୍ୟର ପ୍ରଣାଳୀ ଏବଂ ଉତ୍ପନ୍ନ ଦ୍ରବ୍ୟ ଉପରେ ଯତ୍ନର ସହ ଧ୍ୟାନ ଦିଅ । ଏହି ପର୍ଯ୍ୟବେକ୍ଷଣ ସାଧନୀ ସମସ୍ୟା ସହିତ କାର୍ଯ୍ୟର ଗୁଣାତ୍ମକତା ଚିହ୍ନଟ କରିବାରେ ତୁମକୁ ଶୀଘ୍ର ସାହାଯ୍ୟ କରିବ ।

ପିଲା ତା କାର୍ଯ୍ୟରେ କ'ଣ ଦେଖାଇବାକୁ ଚାହୁଁଛି ଶିକ୍ଷକ ସ୍ଥିର ଭାବରେ ପର୍ଯ୍ୟବେକ୍ଷଣ କରିପାରିବେ । ପିଲାମାନେ ଅନେକଗୁଡ଼ିଏ ଭିନ୍ନତା ଦେଖାଇପାରନ୍ତି । ଉପସ୍ଥାପନର ଅଭିନବ ଉପାୟ ଥାଇପାରେ । ଏପରିକି ଯେଉଁ ଜିନିଷ ଦୃଶ୍ୟମାନ ହେବାରୁ ଲିକାୟିତ ଥାଏ ସେମାନେ ତାକୁ ଦେଖାଇପାରନ୍ତି । କିନ୍ତୁ ତାହା ସତ୍ତ୍ୱେ ପ୍ରକାଶନ ପ୍ରକାର ବୈଧ ଏବଂ ଗ୍ରହଣୀୟ ହେବା ଆବଶ୍ୟକ । ଶିକ୍ଷକ ଏଥିରେ ବାଧା ଦେବା ଦରକାର ନାହିଁ । ଜଣକୁ ଆକଳନ କରାଯାଉଛି ଏଭଳି ଅବିରତ ଭାବନା ବ୍ୟତୀତ ଗୋଟିଏ ପିଲାକୁ ପର୍ଯ୍ୟବେକ୍ଷଣ ଉପଯୋଗୀ ଅଟେ । ସହପାଠୀଙ୍କ ସହିତ ତାର ଅନୁଭବ ଚିନ୍ତନ ପ୍ରକ୍ରିୟା, ସେମାନଙ୍କର ସାମର୍ଥ୍ୟ ଏବଂ ବ୍ୟବହାର ବୁଝିବା ଉପଯୋଗୀ ଅଟେ । ଆବଶ୍ୟକତା ଅନୁସାରେ ଏହି ମୂଲ୍ୟାୟନ ଦିଆଯାଇପାରିବ ଏବଂ ଏହା ପିଲାପିଲା ମଧ୍ୟରେ ଅଲଗା ହେବ । ପିଲାଟିଏ ଯେତେବେଳେ ବ୍ୟକ୍ତିଗତ ଭାବେ ସର୍ବୋପରି ଦଳରେ କାର୍ଯ୍ୟ କରେ ଏହି ସାଧନୀ ବ୍ୟବହାର କରାଯାଇପାରିବ । ସବୁ କାର୍ଯ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଆକଳନ କରାଯାଇପାରିବ ।

**ନିଜ ଅଗ୍ରଗତି ଆକଳନ - ୫**

୧. ତଳେ ଦିଆଯାଇଥିବା କାର୍ଯ୍ୟଗୁଡିକ ସହ ପର୍ଯ୍ୟବେକ୍ଷଣକୁ ମିଳାଅ ।

| | |
|---|---|
| ରେଖାଚିତ୍ର | ରଙ୍ଗସଂଯୋଗ |
| ନୃତ୍ୟ | ସୃଜନଶୀଳତା |
| ରଙ୍ଗଦେବା | ସଂଳାପ ପ୍ରଦାନ |
| ନାଟ୍ୟଶାଳା | ପେଶୀ କୌଶଳ |
| କଳାତ୍ମକ ପ୍ରସ୍ତୁତି | ଶରୀର ଚାଳନା |

**୫.୩.୨.୨. ପ୍ରକଳ୍ପ**

ପ୍ରକଳ୍ପ ହେଉଛି ଏକ ଛୋଟ କାର୍ଯ୍ୟ, ଯାହାକୁ ଏକକ ଶେଷରେ ଦିଆଯାଇପାରିବ । ପଢାଯାଇଥିବା ଧାରଣାରେ ପିଲାର ବୁଝାମଣା ଆଧାରିତ ଏକ ସାଧାରଣ ସମୀକ୍ଷା ହୋଇପାରେ । ଏହା ପିଲାମାନଙ୍କୁ ସେମାନଙ୍କର ସିଦ୍ଧାନ୍ତ ପ୍ରସ୍ତୁତି ଏବଂ ବିଶ୍ଳେଷଣ କରିବା କିମ୍ବା ଚିତ୍ର, ତଥ୍ୟ, ବସ୍ତୁ ଇତ୍ୟାଦିକୁ ଏକତ୍ରୀକରଣ କରିବା ହାତକୁ ନେବା ଆଦି ଆବଶ୍ୟକ କରେ । ଏହାଦ୍ୱାରା ଆମେ ପିଲାମାନଙ୍କୁ ପରିବେଷ୍ଟନୀ ଏବଂ ସମ୍ବଳଗୁଡିକର ଅନୁସନ୍ଧାନ କରିବାକୁ ଉତ୍ସାହିତ କରିପାରିବା । କଳାକୁ ଗଭୀର ଭାବେ ବୁଝିବା ଏବଂ ପସନ୍ଦ କରିବା ପାଇଁ ଏହା ସହାୟକ ହେବ । ଯେତେବେଳେ ଭିନ୍ନଭିନ୍ନ ପାଠମାନ ପଢାଯାଉଛି ସେତେବେଳେ ଏହି ସାଧନୀ ଫଳପ୍ରଦ ହୋଇଥାଏ । ସେମାନେ ପରସ୍ପର ସହ ସମ୍ପର୍କିତ ଅଟନ୍ତି ଏବଂ ଯେଉଁଠାରେ ଶିକ୍ଷଣ ପୂର୍ବ ଏବଂ ବର୍ତ୍ତମାନ ଜ୍ଞାନରୁ ନିର୍ମାଣ ହୁଏ ସେଠାରେ ମଧ୍ୟ ଏହା ହୋଇଥାଏ ।

## ୫.୩.୨୩. କୃତି ସମୂହ

କୃତି ସମୂହର ଏକ ସମୀକ୍ଷା ଉପରେ ମୂଲ୍ୟାୟନ ଆଧାରିତ ହେବ । ଏକ ଦୀର୍ଘ ସମୟ, ଏକ ନିର୍ଦ୍ଦିଷ୍ଟ ଅବଧି ବା ବର୍ଷରେ ସଂଗ୍ରହ କରାଯାଇଥିବା କାର୍ଯ୍ୟଗୁଡିକର ଏହା ଏକ ସମାହାର । କଳାକାର୍ଯ୍ୟ ଅଗ୍ରଗତି ଅନୁସାରେ ତୁମେ ଏହାକୁ କୃତିରେ ସ୍ଥାନିତ କରିପାରିବ । ଏହା ଶିକ୍ଷକଙ୍କୁ ପିଲା କିପରି ଜ୍ଞାନ ଗଠନ କରେ, କହେ ଏବଂ ଏହା ଶିକ୍ଷକଙ୍କୁ ଅଧିକତର ଶିକ୍ଷାଦାନ କୌଶଳ ସ୍ଥିର କରିବାରେ ସାହାଯ୍ୟ କରେ । ନଷ୍ଟ ହେବା କାର୍ଯ୍ୟରୁ ସୁରକ୍ଷା ଦେବା ଏବଂ ନଥି ପତ୍ରକୁ ସାଇତି ରଖିବାରେ କୃତି ରକ୍ଷଣାବେକ୍ଷଣ ତୁମକୁ ସାହାଯ୍ୟ କରିବ । ଗୋଟିଏ ଅଧିବେଶନ / ବର୍ଷ ଶେଷରେ ଜଣେ ଶିକ୍ଷକ ହିସାବରେ ଅଭିଜ୍ଞତା ପାଇଁ ଏବଂ ପିଲାମାନଙ୍କ ସହିତ ବ୍ୟବହାର ନିମିତ୍ତ ଏଥିରୁ ସାହାଯ୍ୟ ପାଇବ ।

**୫.୩.୨.୪. ତନଖି ତାଲିକା**

ପର୍ଯ୍ୟବେକ୍ଷଣ ଆଧାରିତ ନଥିପତ୍ରକୁ ସୁରକ୍ଷିତ ରଖିବା ପାଇଁ ତନଖି ତାଲିକା ଏକ ବ୍ୟବହାରିକ ସାଧନୀ ଅଟେ । ଅନ୍ୟପିଲାମାନଙ୍କ ପ୍ରତି ଧ୍ୟାନରତ ଥିବା ବେଳେ, ତଥ୍ୟ ଲିପିବଦ୍ଧ କରିବା ଶିକ୍ଷକଙ୍କ ପାଇଁ ତନଖି ତାଲିକା ସହଜ କରି ଦେଇଥାଏ । କଳା ଅଭିଜ୍ଞତା ପ୍ରକ୍ରିୟା ମଧ୍ୟରେ ହୋଇପାରିବ । ବିଭିନ୍ନ ଉଦ୍ଦେଶ୍ୟ ଏବଂ ମାନଦଣ୍ଡ ଆଧାରିତ ନିର୍ଦ୍ଦିଷ୍ଟ କଳାକାର୍ଯ୍ୟର ତନଖି ତାଲିକା ଶିକ୍ଷକ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରସ୍ତୁତ କରିପାରିବେ ।

ମୂଲ୍ୟାୟନ ସଂପାଦନ କରିବା ପାଇଁ ତନଖି ତାଲିକା ଏକ ସରଳ ପ୍ରଣାଳୀ ଅଟେ । ନିର୍ଦ୍ଦିଷ୍ଟ କାର୍ଯ୍ୟ ଲିପିବଦ୍ଧ କରିବା ନିମିତ୍ତ ଏହା ହେଉଛି ଏକ ଶୃଙ୍ଖଳିତ ବାଟ, ଯାହା ଗୋଟିଏ ଦତ୍ତ କାର୍ଯ୍ୟର ନିର୍ଦ୍ଦିଷ୍ଟ ଦିଗ ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବାରେ ସାହାଯ୍ୟ କରେ । ମାନଦଣ୍ଡର ଏହା ଏକ ତାଲିକା ଯାହାକୁ ଏକ ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ପିଲା ଭିତରେ ଶିକ୍ଷକ ପର୍ଯ୍ୟବେକ୍ଷଣ କରିବାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି । ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ ଏବଂ କାର୍ଯ୍ୟକାରୀ କରିବା ପାଇଁ ଏହା ଶୀଘ୍ର ଏବଂ ସହଜ ଅଟେ । ସ୍ୱ- ମୂଲ୍ୟାୟନ କିମ୍ବା ଯେତେବେଳେ ଶିକ୍ଷକ

ଟିପ୍ପଣୀ

ଉଦ୍ଦେଶ୍ୟଗୁଡିକର ଏକ ବସ୍ତୁନିଷ୍ଠ ଭାବେ ଆକଳନ କରିବାକୁ ଚାହାଁନ୍ତି ସେତେବେଳେ ଏହା ବ୍ୟବହାର କରାଯାଇପାରିବ ।

**୫.୩.୨.୫. ନିର୍ଦ୍ଧାରଣ ମାପକ:**

ଯଦିଓ ବ୍ୟକ୍ତିଗତ ଭାବେ କଳାରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କର ବିକାଶରେ ଥିବା ଜଟିଳତାକୁ ଗୋଟିଏ ସ୍ତର କିମ୍ବା ନମ୍ବର ଦ୍ୱାରା ପ୍ରଶିମିତ କରିବାକୁ ଶିକ୍ଷକଙ୍କୁ ଅନୁମତି ଦିଏନାହିଁ କିନ୍ତୁ ବେଳେବେଳେ ସଠିକ୍ ନିର୍ଦ୍ଧାରଣ ମାପକ ତିଆରି କରିବାର ଆବଶ୍ୟକ ପଡେ ଯାହା ଦ୍ୱାରା ଛାତ୍ରଛାତ୍ରୀ ନିଜର ପୂର୍ବାବସ୍ଥାକୁ ତୁଳନା କରିପାରିବେ । ଗୋଟିଏ ଗୋଟିଏ କାମ ସଫଳତା ସହଶେଷ କରିବା ପାଇଁ ତୁମେ କେତେ ବିନ୍ଦୁ (point) ଦେବା ପାଇଁ ସ୍ଥିର କରିବ ଏଥି ନିମିତ୍ତ ଏକ ପରିମାପକ ତିଆରି କର । ତୁମେ କିମ୍ବା ୫ ବିନ୍ଦୁ ବିଶିଷ୍ଟ ମାପକ ତିଆରି ପାଇଁ ଇଚ୍ଛା କରିପାର ।

ଗୁଣାତ୍ମକ ବା ସ୍ତର ଭିତ୍ତିକ ବିଚାରର ଅନୁବାଦ ପାଇଁ ନିର୍ଦ୍ଧାରଣ ମାପକ ହେଉଛି ଏକ ସାଂଖ୍ୟିକ, ବାଚନିକ ଓ ରୈଖିକ ବ୍ୟବସ୍ଥା । ଏହା ଆକଳନକୁ ଅଧିକ ବସ୍ତୁନିଷ୍ଠ ଏବଂ ସ୍ୱଚ୍ଛ କରିବ । ମୂଲ୍ୟାୟନ ପାଇଁ କେତେକ ସାଧାରଣ ବ୍ୟବହୃତ ମାପକ ହେଉଛି -:

| | | |
|---|---|---|
| କ | ଖ | ଗ |
| ସର୍ବୋତ୍କୃଷ୍ଟ | ଭାରିଭଲ | ଭଲ |

| | | | | |
|---|---|---|---|---|
| କ+ | କ | ଖ+ | ଖ | ଗ |
| ଅତ୍ୟନ୍ତ ଉତ୍ତମ | ସର୍ବୋତ୍କୃଷ୍ଟ | ଭାରିଭଲ | ଭଲ | ସନ୍ତୋଷଜନକ |

ଏକ ସ୍ଥିରୀକୃତ ମାନଦଣ୍ଡ ଆଧାରରେ ପିଲା କାର୍ଯ୍ୟର ଗୁଣାତ୍ମକ ବିଚାର ଓ ଲିପିବଦ୍ଧ କରିବା ପାଇଁ ଏହା ବ୍ୟବହାର ହୋଇଥାଏ । ଗୋଟିଏ କାମର ଗୋଟିଏ ମାତ୍ର ବ୍ୟାପକ ଆକଳନ ଆବଶ୍ୟକ କରେ । ନିର୍ଦ୍ଧାରଣ ମାପକ ନିମ୍ନୋକ୍ତ ମୂଲ୍ୟାୟନ ପାଇଁ ନିର୍ଦ୍ଦିଷ୍ଟ ଭାବେ ସଠିକ୍ ଅଟେ ।:

- କୌଶଳ ସ୍ତରଗୁଡିକୁ ମୂଲ୍ୟାୟନ କରିବାରେ
- ମନୋବୃତ୍ତିକୁ ବୁଝିବା ଏବଂ ଅଭିପ୍ରେରଣା ପ୍ରଦାନ କରିବାରେ

ଏହା ଫଳପ୍ରଦ ହୋଇଥାଏ ଯେତେବେଳେ ଗୋଟିଏ ନ୍ୟସ୍ତ କାର୍ଯ୍ୟ ବିଭିନ୍ନ ସ୍ତର କାର୍ଯ୍ୟ ଚିନ୍ତା କରିବା, ବିଶ୍ଳେଷଣ, ସୃଜନଶୀଳତା ଇତ୍ୟାଦିକୁ ଆବଶ୍ୟକ କରେ ।

**୫.୩.୨.୬. ଘଟଣାବଳୀ ବିବରଣୀ**

ଏହା ଏକ ନିର୍ଦ୍ଦିଷ୍ଟ ଘଟଣା କିମ୍ବା ବିଶେଷ କରି ଏକ ଚିତ୍ତାକର୍ଷକ କିମ୍ବା ଆନନ୍ଦଦାୟକ ଘଟଣାର ଏକ ସଂକ୍ଷିପ୍ତ ବର୍ଣ୍ଣନା ଅଟେ । ଗୋଟିଏ ପିଲାର ଅଗ୍ରଗତିର ବର୍ଣ୍ଣନାତ୍ମକ ଲିଖନକୁ ଏହିସବୁ ସୂଚିତ କରେ ଯାହାକୁ ଜଣେ ଶିକ୍ଷକ ଦୈନନ୍ଦିନ ଆଧାରରେ ରଖନ୍ତି । ଗୋଟିଏ ପିଲା ଜୀବନର ମହତ୍ୱପୂର୍ଣ୍ଣ ଘଟଣାର ପର୍ଯ୍ୟବେକ୍ଷଣ ଜନୀତ ବର୍ଣ୍ଣନାତ୍ମକ ବିବରଣୀ ଏହା ପ୍ରଦାନ କରେ । ଏହା ଆତ୍ମଜୀବନୀ କିମ୍ବା ଐତିହାସିକ ବିବରଣୀ ହୋଇ ପାରେ ; ଏଗୁଡିକ ହେଉଛି ଲିଖିତ ପର୍ଯ୍ୟବେକ୍ଷଣ ଯାହା ଶବ୍ଦରୁ ଶବ୍ଦକୁ କାର୍ଯ୍ୟରୁ କାର୍ଯ୍ୟକୁ ଗୋଟିଏ ପିଲା କରୁଛି କିମ୍ବା କହୁଛି । ଗୋଟିଏ ପିଲାକୁ ବ୍ୟକ୍ତିଗତଭାବେ ଆକଳନ କରିବାକୁ ଶିକ୍ଷକ ଏହି ସାଧନୀକୁ ବ୍ୟବହାର କରିପାରିବେ । ସେ ପିଲାର ଦକ୍ଷତା ଏବଂ ଆବଶ୍ୟକତାଗୁଡିକୁ ବିଶ୍ଳେଷଣ କରିବା ପାଇଁ ଏହି ବିବରଣୀ ବ୍ୟବହାର କରିପାରିବେ । ଶିକ୍ଷାଦାନ ପ୍ରଣାଳୀ ପରିବର୍ତ୍ତନ କିମ୍ବା ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ବିକାଶ ପାଇଁ ଏହା ସାହାଯ୍ୟ କରିପାରିବ ।

ଏକ ନିର୍ଦ୍ଦିଷ୍ଟ ସମୟରେ ପିଲାର ହୋଇଥିବା ସାମଗ୍ରିକ ବିକାଶର ଲିଖିତ ବିବରଣୀ ପ୍ରସ୍ତୁତ ପାଇଁ ଏହି ସାଧନୀ ବ୍ୟବହାର ହୋଇପାରିବ । ଏହାର ବର୍ଣ୍ଣନାତ୍ମକ ଦିଗଟି ପିଲାର ପସନ୍ଦ, ଆଗ୍ରହ, ବନ୍ଧୁତ୍ୱ ସମ୍ବନ୍ଧରେ ଏକ ଠିକ୍

ଧାରଣା ଦେଇଥାଏ । ଘଟଣା ବିବରଣ ପତ୍ର ସକାରାତ୍ମକ ଭାବେ ଲେଖାଯିବା ଆବଶ୍ୟକ ।

### ୫.୩.୨.୭. ପ୍ରଦର୍ଶନ:

ପ୍ରଦର୍ଶନ ଯୋଗାଯୋଗର ଏକ ମାଧ୍ୟମ ଦଳଗତ କାର୍ଯ୍ୟ ଦିଆଯାଇଥିବା ବେଳେ ଏହା ବ୍ୟବହାର କରାଯାଇପାରିବ ଏବଂ ଶ୍ରେଣୀର ଅନ୍ୟମାନଙ୍କ ସହିତ ଆମେ ଭାବ ବିନିମୟ କରିବାକୁ ଚାହୁଁ ଥିବା ସମୟରେ ମଧ୍ୟ ଏହା ଆବଶ୍ୟକ । ଏହି ସାଧନୀ ସହପାଠୀ ମୂଲ୍ୟାୟନ ସହିତ ସ୍ୱମୂଲ୍ୟାନ ପାଇଁ ଉପଯୋଗୀ ଅଟେ । ସଚିତ୍ର ପ୍ରଦର୍ଶନ ମାଧ୍ୟମରେ କେତେକ ନିର୍ଦ୍ଦିଷ୍ଟ ଧାରଣାର ସ୍ପଷ୍ଟତା ପିଲାମାନେ ଲାଭ କରନ୍ତି । ସେମାନେ ସେମାନଙ୍କ କାର୍ଯ୍ୟରେ ଗର୍ବ ଅନୁଭବ କରିପାରିବେ । ଏହା କାନ୍ଥ ବନ୍ଧାଇ ବା ଟେବୁଲ ଉପର ଚିତ୍ର ହୋଇପାରିବ । ଶ୍ରେଣୀ କୋଠରୀରେ ଗୋଟିଏ ଅଞ୍ଚଳରେ ପିଲାମାନଙ୍କର ଏକ କୋଣ ମଧ୍ୟ ସ୍ଥାପନ କରାଯାଇପାରିବ ।

**ନିଜ ଅଗ୍ରଗତି ଆକଳନ -୬**

୧.  ଶୂନ୍ୟସ୍ଥାନ ପୂରଣ କର ।

କ).................. ବିଚାରର ଏକ ସାଂଖ୍ୟିକ ପଦ୍ଧତି ଅଟେ ।

ଖ)ଦଳଗତକାର୍ଯ୍ୟ/ନ୍ୟସ୍ତ କରାଯାଇଥିବା ବେଳେ .......... .... ଗୋଟିଏ ଭଲ ସାଧନୀ ହୋଇପାରିବ ।

ଗ)ଗୋଟିଏ ପିଲାର ଐତିହାସିକ ଏବଂ ଜୀବନ ଚରିତ ବିବରଣୀକୁ କୁହାଯାଏ............. ।

ଘ)ପ୍ରକଳ୍ପ ହେଉଛି ଏକ ଛୋଟ କାର୍ଯ୍ୟ ଯାହାକୁ ଏକକର .................ରେ ଦିଆଯାଇପାରିବ ।

୨. ଘଟଣାବଳୀ ବିବରଣର ଦୁଇଟି ବୈଶିଷ୍ଟ୍ୟ ବର୍ଣ୍ଣନା କର ?

କ) ..........................................................................................

ଖ) ..........................................................................................

## ୫.୪ ମୂଲ୍ୟାୟନର ସୂଚକ ସମୂହ

ମୂଲ୍ୟାୟନରେ ନିଦାନ ମୂଳକ ପ୍ରଶ୍ନାବଳୀ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ । ଏହା ମୂଲ୍ୟାୟନ ଯାହାଦ୍ୱାରା ମୁଖ୍ୟ ସମସ୍ୟାଗୁଡିକ ଚିହ୍ନଟ ହୁଏ ଏବଂ ଧ୍ୟାନ ଆବଶ୍ୟକ କରୁଥିବା କ୍ଷେତ୍ର କିମ୍ବା କେନ୍ଦ୍ରିତ ଦଳଗୁଡିକ ଜଣାପଡେ । ମୌଳିକ ଆକାରରେ ଥିବା ତଥ୍ୟଗୁଡିକ ଯୁକ୍ତି ସିଦ୍ଧ ଅନୁମାନ ବାହାର କରିବା ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ । ଏହାକୁ ସୂଚକ ଆକାରରେ ବଦଳାଇବା ଆବଶ୍ୟକ ଯଦ୍ୱାରା ଅର୍ଥପୂର୍ଣ୍ଣ ସିଦ୍ଧାନ୍ତ ମିଳିଥାଏ । ସୂଚକ ବିଭିନ୍ନ ପ୍ରକାର ପ୍ରଶ୍ନର ଉତ୍ତର ଦେଇଥାଏ ।

### ୫.୪.୧ କଳାରେ ମୂଲ୍ୟାୟନ ସୂଚକ ସମୂହର ଅର୍ଥ :-

ଗୋଟିଏ ସାଧନ ଯାହା ତୁମକୁ ସୂଚନାଦିଏ ତାକୁ ସୂଚକ କୁହାଯାଏ । ସୂଚକ ହେଉଛି ଏକ ଗୁଣାତ୍ମକ କିମ୍ବା ପରିମାଣାତ୍ମକ ପରିବର୍ତ୍ତନଶୀଳ ରାଶି / ସଂଖ୍ୟା ଯାହା କାର୍ଯ୍ୟ ସଂପାଦନ ଆକଳନ ପାଇଁ ସାହାର୍ଯ୍ୟ କରିବା, ଗୋଟିଏ କାର୍ଯ୍ୟକ୍ରମ ସଂଯୋଜିତ ପରିବର୍ତ୍ତନକୁ ପ୍ରତିଫଳିତ କରିବା, ଉପଲବ୍ଧିକୁ ପରିମାପ କରିବା ପାଇଁ ଏକ ସହଜ ଏବଂ ବିଶ୍ୱାସନୀୟ ମାଧ୍ୟମ ପ୍ରଦାନ କରେ । ସୂଚକଗୁଡିକ ଉପଲବ୍ଧ ସଂପର୍କିତ କିନ୍ତୁ ଏହା ନିଜେ ଶେଷ ନୁହେଁ । ଶିକ୍ଷଣ ରୂପେ ଏହିଭଳି ଏକ ଜଟିଳ ଘଟଣା ବିଷୟରେ ଏକମାତ୍ର ସୂଚକ ଖୁବ୍ କ୍ୱଚିତ ଉପଯୋଗୀ ତଥ୍ୟ ପ୍ରଦାନ କରିପାରିବ । ସ୍ଥିତିଗୁଡିକ ବିଷୟରେ ଅଧିକରୁ ଅଧିକ ସଠିକ୍ ସୂଚନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାଧାରଣତଃ ସୂଚକଗୁଡିକର ପରିକଳ୍ପନା କରାଯାଇଥାଏ । ଏହାର ଉପାଦାନଗୁଡିକ ମାଧ୍ୟମରେ ବ୍ୟବସ୍ଥାର ସ୍ୱରୂପକୁ ଚିତ୍ରଣ କରିବା ସୂଚକର ଉଦ୍ଦେଶ୍ୟ ଅଟେ – ସେମାନେ କିପରି ସଂପର୍କିତ ଏବଂ ସେମାନେ ଆମର ସମୟକୁ କିପରି ପରିବର୍ତ୍ତନ କରନ୍ତି ? କେତେକ ଲକ୍ଷ୍ୟ କିମ୍ବା ମାନଦଣ୍ଡ ଅଗ୍ରଗତି ବିଚାର କରିବାକୁ ଏହି ସୂଚନା

ଟିପ୍ପଣୀ

ବ୍ୟବହାର କରାଯାଇ ପାରିବ । ଗୋଟିଏ ସୂଚକ କ'ଣ କରିପାରିବ -:

- ଲକ୍ଷ୍ୟ ଏବଂ ଅଗ୍ରାଧିକାରଗୁଡିକୁ ସ୍ଥିର କରିବା
- କାର୍ଯ୍ୟକ୍ରମ ମୂଲ୍ୟାୟନ କରିବା
- ଅତି ସ୍ୱଷ୍ଟଭାବେ ସମସ୍ୟା ସୂଚିତ ଏବଂ ବର୍ଣ୍ଣନା କରିବା

**ଗୋଟିଏ ଭଲ ସୂଚକର ଗୁଣଗୁଡିକ ନିମ୍ନରେ ଦିଆଯାଇଛି-:**

- ଏହା ଶିକ୍ଷକଙ୍କୁ ଉପଯୋଗୀ ସୂଚନା ଯୋଗାଏ ।
- ଏହା ଅନ୍ୟ ସୂଚକଗୁଡିକ ସହ ଉତ୍କର୍ଷ ନିର୍ଦ୍ଧାରଣ ପାଇଁ ଅନୁମତି ଦିଏ ।
- ଏହା ଉଦ୍ଦେଶ୍ୟଗୁଡିକଠାରୁ କେତେଦୂର ଏବଂ କେତେ ନିକଟ ତାହା ପରିମାପ କରେ ।
- ଏହା ସମସ୍ୟାପୂର୍ଣ୍ଣ ପରିବେଶଗୁଡିକୁ ଚିହ୍ନଟ କରିବାରେ ସାହାଯ୍ୟ କରେ ।
- ସୂଚନା ସଂକ୍ଷେପଣ କରିବାରେ ଏହାର ସାମର୍ଥ୍ୟ
- ଏହା ନିଜର ମୂଲ୍ୟକୁ ଏକ ମାନଦଣ୍ଡ ସହ ତୁଳନା କରିବାରେ ସାହାଯ୍ୟ କରେ ।

**ସାମଗ୍ରିକ ଭାବେ ବିକାଶ ସୂଚକଗୁଡିକ ହେଲା:**

**ଶାରୀରିକ ଏବଂ ପେଶୀୟ ବିକାଶ -:**

- ସହନ ଶକ୍ତି ଏବଂ କାର୍ଯ୍ୟସ୍ତର
- ଶିଷ୍ଟାଚାର
- ସାବଧାନତା
- ଚକ୍ଷୁ – ହସ୍ତ ସମନ୍ୱୟ
- ସ୍ଥୁଳ ପେଶୀୟ ବିକାଶ
- ସୂକ୍ଷ୍ମ ପେଶୀୟ ବିକାଶ

**ମାନସିକ ବିକାଶ:-**

- ◆ ପର୍ଯ୍ୟବେକ୍ଷଣ
- ◆ ସ୍ମୃତି
- ◆ ଧାରଣାଗତ ସ୍ୱଷ୍ଟତା ।
- ◆ ସମସ୍ୟା ସମାଧାନ
- ◆ ସୂଚନାକୁ ଅର୍ଥପୂର୍ଣ୍ଣ କରିବା
- ◆ ଭାଷା ବିକାଶ
- ◆ ସୃଜନଶୀଳତା
- ◆ ଯୁକ୍ତିଯୁକ୍ତ ଚିନ୍ତନ
- ◆ ଜିନିଷ, ଘଟଣା ଇତ୍ୟାଦିର ଅବବୋଧ କରିବା

**ସାମାଜିକ - ଆବେଗିକ ବିକାଶ:-**

- ◆ ବୟସ୍କ ଏବଂ ସାଙ୍ଗସାଥି ସଂପର୍କରେ
- ◆ ଅନ୍ୟମାନଙ୍କ ସହ ବିନିମୟ କରିବା
- ◆ ସହଯୋଗ
- ◆ ପଦକ୍ଷେପ ନେବା
- ◆ ସମଯୋଜନ
- ◆ ଅନୁଭବ, ଧାରାଣାର ପରିପ୍ରକାଶ

୫.୪.୨ ଉଭୟ ଦୃଶ୍ୟକଳା ଏବଂ ଅଭିନୟ କଳାର ମୂଲ୍ୟାୟନରେ ସୂଚକ ସମୂହ:-

ଆକଳନ ପାଇଁ ସୂଚକସମୂହ

| ସ୍ତର-୧ | | | ସ୍ତର-୨ | ସ୍ତର-୩ |
|---|---|---|---|---|
| ଆଡକୁ ଢଳିଲା | ଏକ ନିର୍ଦ୍ଦିଷ୍ଟ କଳା ରୂପର ଦକ୍ଷତା କିମ୍ବା କୌଶଳ | କଳା ରୂପର ନାମ | ସାମର୍ଥ୍ୟଟି କ'ଣ ଭଲ, ଭାରିଭଲ, ସାଧାରଣ | ସମସ୍ତ ଉପଭୋଗ କରେ |
| | ସଙ୍ଗୀତରେ ଶବ୍ଦ ସମୂହ (ଉଚ୍ଚାରଣ) | ତୁରନ୍ତ/ତତ୍‌କ୍ଷଣାତ୍ | କ୍ରମଶଃ | ଧୀର ଏବଂ ସରଳ ଉପଭୋଗ କରିବା |
| | ନାଟ୍ୟଶାଳା ଏବଂ ନୃତ୍ୟରେ ଚାଲିଚଳନ | ତୁରନ୍ତ/ତତ୍‌କ୍ଷଣାତ୍ | କ୍ରମଶଃ | ଧୀର ଏବଂ ସରଳ ଉପଭୋଗ କରିବା |
| | ବିଷୟ / ବିଷୟ ବସ୍ତୁ ବୁଝିବା | ତୁରନ୍ତ/ତତ୍‌କ୍ଷଣାତ୍ | କ୍ରମଶଃ | ଧୀର ଏବଂ ସରଳ ଉପଭୋଗ କରିବା |
| ଶୁଣିବା | | ସର୍ବୋତ୍କୃଷ୍ଟ | ଭଲ | ଉନ୍ନତି କରିପାରିବ |
| ଏକଗ୍ରତା | | ସର୍ବୋତ୍କୃଷ୍ଟ | ଭଲ | ଉନ୍ନତି କରିବାକୁ ପଡିବ |
| ଚଳ ପ୍ରଚଳ | | ସର୍ବୋତ୍କୃଷ୍ଟ | ଭଲ | ଅଳ୍ପ ଉଦ୍ୟମ ଆବଶ୍ୟକ |
| ବୁଝିବା | | ସର୍ବୋତ୍କୃଷ୍ଟ | ଭଲ | ଉନ୍ନତି କରିପାରିବ |
| ଅବଧାରଣ | | ସର୍ବୋତ୍କୃଷ୍ଟ | ଭଲ | ଟିକେ ଅଧିକ ଯତ୍ନ ସାହାଯ୍ୟ କରିବ |
| ଉପସ୍ଥାପନ | | ସର୍ବୋତ୍କୃଷ୍ଟ | ଭଲ | ଟିକେ ଅଧିକ ଉଦ୍ୟମ ଆବଶ୍ୟକ |
| ମେଧା, ଅନ୍ତର୍ନିହତ ସାମଥ୍ୟ (ଆହରଣ କରିବା) ଏବଂ ସୃଜନଶୀଳତା | | ସର୍ବୋତ୍କୃଷ୍ଟ | ଭଲ | ଏହା ଉପରେ କାମ କରିବାର ଅଛି |
| ମନୋଭାବ | | ସହଯୋଗୀ | ଅଧିକ ବିଶ୍ୱାସୀ | ଆଜ୍ଞାବହ |
| ସମନ୍ୱୟ | ଅନ୍ୟମାନଙ୍କୁ ଶୁଣିବା | ସବୁବେଳେ ଜାଗ୍ରତ | ବେଳେବେଳେ | ସରଳ ଉପଭୋଗ |
| | ସହପାଠୀଙ୍କୁ ପର୍ଯ୍ୟବେକ୍ଷଣ କରିବା ଏବଂ ଉପଯୋଜନ କରିବା | ସବୁବେଳେ ଜାଗ୍ରତ | ବେଳେବେଳେ | ସରଳ ଉପଭୋଗ |
| | ଶିକ୍ଷକଙ୍କୁ ଅନୁସରଣ/ ଅନୁକରଣ କରିବା | | | |

ଟିପ୍ପଣୀ

| ସ୍ତର-୧ | | | ସ୍ତର-୨ | ସ୍ତର-୩ |
|---|---|---|---|---|
| ବୁଝିବା | ବିଷୟ/ବିଷୟ ବସ୍ତୁ | ଭଲ ବୁଝିବା | ସାଧାରଣ ବୁଝିବା | ଉଦାସୀନ |
| | ବିକଶିତ ହେବା / ଉନ୍ନତି କରିବା | ସବୁବେଳେ | ବେଳେବେଳେ | ନିର୍ଦ୍ଦେଶମାନ ଅନୁସରଣ କରେ |
| | ଅତିରିକ୍ତ ଜ୍ଞାନ ଏକତ୍ରୀକରଣ କରିବା | ସବୁବେଳେ | ବେଳେବେଳେ | ଉଦାସୀନ |
| ପ୍ରତିକ୍ରିୟା | ସମସ୍ତ ଶ୍ରେଣୀ | ସମାନ | ପୃଥକ/ଭିନ୍ନ | ଉଦାସୀନ |
| ପ୍ରବଳ ଆଗ୍ରହ ଏବଂ ପ୍ରତିଯୋଗିତା ସ୍ତର | ଦଳର ଏକକ ସଂଗୀତ ଅଭିନୟ | ସମାନ | ପୃଥକ/ଭିନ୍ନ | ଉଦାସୀନ |
| | ଶ୍ରେଣୀ ଉପସ୍ଥାନରେ ଆଗ୍ରହ | ସବୁବେଳେ | ବେଳେବେଳେ | କ୍ୱଚିତ |
| ଆଗ୍ରହ ସ୍ତର | ଅତିରିକ୍ତ ସୂଚନା ଆହରଣ କରିବା | ସାଧାରଣତଃ | ବେଳେବେଳେ | କ୍ୱଚିତ |
| | ସ୍ୱତଃ ପ୍ରବୃତ୍ତ ଭାବେ ଧାରଣାଗୁଡ଼ିକର ପରିପ୍ରକାଶ | ସବୁବେଳେ | ବେଳେବେଳେ | କ୍ୱଚିତ |
| ପୂର୍ବ ଆହାରିତ ଜ୍ଞାନ କିମ୍ବା ସଚେତନତା | | ଆହରିତ<br>• ପରିବାରଠାରୁ<br>• ସାଙ୍ଗମାନଙ୍କଠାରୁ<br>• ଗୋଷ୍ଠୀଠାରୁ | କେବଳ ଶିକ୍ଷକଙ୍କୁ ଅନୁସରଣ କରେ | ଅନାଗ୍ରହ (କେବଳ ଯାନ୍ତ୍ରିକ ବୁଝାମଣା) |
| ଦଳଗତ ସମନ୍ୱୟ<br>ବ୍ୟକ୍ତି ଅଭିମୁଖୀ | | ସ୍ୱତଃସ୍ଫୁର୍ତ୍ତ<br>ଚତୁର/କୁଶଳ | ଅନୁଭବର ପର୍ଯ୍ୟବେକ୍ଷଣ ପରେ କ୍ରମଶଃ ଲାଜକୁଳା | ଏକୁଟିଆ ଭାବେ କରିବା ପାଇଁ ଇଚ୍ଛୁକ<br>ପ୍ରତିକ୍ରିୟା ହୀନ |

ନିଜ ଅଗ୍ରଗତି ଆକଳନ - ୭

୧. ମୂଲ୍ୟାୟନରେ ସୂଚକର ଭୂମିକା କ'ଣ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------

୨.	ଗୋଟିଏ ପିଲାର ମନୋବୃତ୍ତିକୁ ଆକଳନ କରିବା ପାଇଁ ସୂଚକଗୁଡ଼ିକ କ'ଣ ?

ଟିପ୍ପଣୀ

## ୫.୫. କୃତି ପ୍ରସ୍ତୁତି କରିବା (ବ୍ୟାବହାରିକ)

### ୫.୫.୧ କୃତିର ମହତ୍ୱ

ପିଲାମାନଙ୍କ କାର୍ଯ୍ୟର ଶୈଳୀ କିମ୍ବା କାର୍ଯ୍ୟକରିବା ପ୍ରଣାଳୀ ଦେଖାଇବା ପାଇଁ ଅଭିପ୍ରେତ କଳାକାର୍ଯ୍ୟର ଏକ ସଂଗ୍ରହ ହେଉଛି କୃତି । ବେଳେବେଳେ ଗୋଟିଏ ଶିକ୍ଷାର୍ଥୀର କୃତିକୁ ବହିର ଏକ ଅଂଶ ରୂପେ ସୂଚୀତ କରାଯାଇପାରିବ । ମୂଲ୍ୟାୟନ ପାଇଁ ଜଣେ ଶିକ୍ଷକ କେବଳ ଯେ କୃତି ମଧ୍ୟରେ ଯାଇପାରିବ ତାହା ନୁହେଁ ବରଂ କେତେକ ନିଷ୍ପତ୍ତି ନେବାରେ ଭବିଷ୍ୟତରେ ଏହା ନିର୍ଣ୍ଣାୟକ ଉପାଦାନର ଭୂମିକା ନିର୍ବାହ କରିବ । ଗୋଟିଏ ଫଳପ୍ରଦ କୃତି ପିଲାର ସାମର୍ଥ୍ୟ ଏବଂ କୌଶଳ ସଠିକ୍ ଏବଂ ସବୁଠାରୁ ସମ୍ଭାବ୍ୟ ଉଜ୍ଜ୍ୱଳ ଭାବରେ ଉପସ୍ଥାପନ କରେ । ଏହା ପିଲାର ଅଭିବ୍ୟକ୍ତି ଏବଂ ଯୋଗାଯୋଗ ସାମର୍ଥ୍ୟ ସହ କାର୍ଯ୍ୟକୁ ପ୍ରଦର୍ଶନ ପରିସରଭୁକ୍ତ କରିବାରେ ଦୃଷ୍ଟାନ୍ତ ଦିଏ । କୃତି ଜରିଆରେ କଳା ଆପେଆପେ କଥା କୁହେ । ଗୋଟିଏ ଅଧିବେଶନ କିମ୍ବା ବର୍ଷ ଶେଷରେ ଯେତେବେଳେ ସବୁ କଳାକାର୍ଯ୍ୟଗୁଡ଼ିକ କୃତି ଆକାରରେ ଏକତ୍ରିତ ହୁଏ, ଶିକ୍ଷକ ପିଲାର ବୃଦ୍ଧି ସମ୍ବନ୍ଧରେ ସ୍ୱଷ୍ଟ ହୁଅନ୍ତି ଏବଂ ସେ ନିର୍ଣ୍ଣାୟାତ୍ମକ ଆଖିରେ ଗୋଟିଏ ଗୋଟିଏ ବ୍ୟକ୍ତିଗତ କାର୍ଯ୍ୟ ପାଇଁ କିଛି ସମୟ ଦିଅନ୍ତି । ଉନ୍ନତି ପାଇଁ କଣ କରାଯିବ ଭାବନ୍ତି ।

ନିଜ ଅଗ୍ରଗତି ଆକଳନ-୮

କୃତି କଣ ?

### ୫.୫.୨ ଗୋଟିଏ କୃତିକୁ ବଜାୟ ରଖିବା:

ଗୋଟିଏ ଭଲ କୃତି ବହୁ ସଂଖ୍ୟାରେ ବିଭିନ୍ନ କଳାକାର୍ଯ୍ୟ ଧାରଣ କରିଥାଏ । ଜଣେ ଶିକ୍ଷକ ଗଭୀରଭାବେ ଅନୁସନ୍ଧାନ କରିପାରନ୍ତି ଏବଂ ବିଭିନ୍ନ ପ୍ରକାର କଳାକାର୍ଯ୍ୟର ଚିନ୍ତା କରିପାରନ୍ତି । ପିଲାର ଯେଉଁ କାର୍ଯ୍ୟଗୁଡ଼ିକରେ ସୃଜନଶୀଳତା ପ୍ରତିଫଳିତ ହୁଏ ତାକୁ କୃତିରେ ଅନ୍ତର୍ଭୁକ୍ତ କରିବା ଅତି ଭଲ ହେବ । ଗୋଟିଏ ଶିକ୍ଷାର୍ଥୀ ଯିଏ କୃତି ଦାଖଲ କରୁଛି ସେ ନିଜର ମୌଳିକ ଚିନ୍ତନ କଳ୍ପନା ଏବଂ ଦକ୍ଷତା ଗୁଡ଼ିକର ପ୍ରମାଣ ଦେଖାଇପାରିବ । ଏଠାରେ ପରିମାଣ ଅପେକ୍ଷା ଗୁଣାତ୍ମକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ କୃତି ନିମ୍ନୋକ୍ତ ଦିଗଗୁଡ଼ିକୁ ଧାରଣ କରେ:-

୧.	ଚତ୍ରାଙ୍କନ:- ଗୋଟିଏ କୃତିର ବିଭିନ୍ନ ପ୍ରକାର ମାଧ୍ୟମରେ ଚିତ୍ରାଙ୍କନର ଭଲ ଉଦାହରଣମାନ ରହିବା ଉଚିତ ଯେପରି ମହମର ରଙ୍ଗିନ ପେନ୍‌ସିଲ, ଚିହ୍ନିତ କରିବା ଯନ୍ତ୍ର, କାଳି, କାଠ୍, କୋଇଲା ଇତ୍ୟାଦି । ଏକ ରେଖାଚିତ୍ର ବହି ଅନ୍ତର୍ଭୁକ୍ତ କରାଯାଇପାରିବ । ଚିତ୍ରାଙ୍କନ ବସ୍ତୁ, ବ୍ୟକ୍ତି, ପ୍ରକୃତି ଏବଂ ପରିବେଶକୁ ଅନ୍ତର୍ଭୁକ୍ତ କରିପାରେ ।

ଟିପ୍ପଣୀ

୨. ଚିତ୍ର:- ଏସିଡ୍‌ରୁ ତିଆରି କୃତ୍ରିମ ବସ୍ତୁ, ତୈଳଯୁକ୍ତ ମହମର ରଙ୍ଗ କାଠି, ପାଣି ରଙ୍ଗ, ଚିତ୍ର, ରଙ୍ଗ ମାଧ୍ୟମରେ ତିଆରି ଚିତ୍ରାଙ୍କନ ଆଦି ଏଥିରେ ଅନ୍ତର୍ଭୁକ୍ତ ଯାହା କୃତିରେ ସ୍ଥାନିତ ହୋଇପାରିବ ।

୩. ରୂପାଙ୍କନ:- ଏହା ପ୍ରଚାରପତ୍ର, ପରିକଳ୍ପନା ଅନୁଯାୟୀ ବିଭିନ୍ନ ଅଂଶର ବିନ୍ୟାସ, ରେଖାଚିତ୍ର, ମାନଚିତ୍ରଆଦିକୁ ଅନ୍ତର୍ଭୁକ୍ତ କରିପାରେ ।

**୪. ବିଭିନ୍ନ ପଦାର୍ଥ ନେଇ କାଗଜ ଉପରେ କଳାତ୍ମକ ରଚନା -:**

ଏହା ଏକ କଳା କାର୍ଯ୍ୟ ଯାହା କାଗଜ ଉପରେ ଅଠା ଦ୍ୱାରା ବିଭିନ୍ନ ପ୍ରକାର ବସ୍ତୁ ଯୋଡି ଯଥା ଖବର କାଗଜ, ପତ୍ରିକା, ରଙ୍ଗୀନ କାଗଜ ଏବଂ ଅନ୍ୟାନ୍ୟ ଉପାଦାନ ଯେପରି କପଡା, ବୋତାମ, ପକ୍ଷୀର ପର ଇତ୍ୟାଦିରେ ସୃଷ୍ଟି କରାଯାଇଥାଏ । ପିଲାମାନେ ଏହି ପ୍ରଣାଳୀ ଦ୍ୱାରା ସେମାନଙ୍କ କଳ୍ପନାକୁ ବିଭିନ୍ନ ଆକାର ଦିଅନ୍ତି ।

୫.ଛାପିବା

ମୋହର ପେଡି, ପତ୍ର, ପନିପରିବା, ଦାଗ ଲିଭାଇବା ରବର ଆଦିରୁ ଛାପଗୁଡିକ ଅନେକ ଉପାୟରେ ନିଆଯାଇ ପାରିବ । କୃତି ସଂକ୍ଷିପ୍ତ ଟିପ୍ପଣୀ, ମନ୍ତବ୍ୟ ଏବଂ ପ୍ରଶ୍ନଗୁଡିକୁ ଧାରଣ କରିଥାଏ । ଶିକ୍ଷକ ପିଲାମାନଙ୍କୁ ଖାଲି କାଗଜ ବ୍ୟାଗ ବା ଏକ ଫାଙ୍କା ଫାଇଲ ଆଣିବାକୁ କହିପାରନ୍ତି । ସେମାନଙ୍କ କୃତିକୁ ନିଜସ୍ୱ ଢଙ୍ଗରେ ସଜ୍ଜିତ କରିବା ଏବଂ ଏହାର ଉପରି ଭାଗରେ ସେମାନଙ୍କର ଏକ ଛବି ଆଙ୍କିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇପାରେ ।

**୫.୫.୩. ମୂଲ୍ୟାୟନ ପାଇଁ ଗୋଟିଏ କୃତିକୁ ବ୍ୟବହାର କରିବା କିପରି :** ପାଠ୍ୟକ୍ରମର ସବୁଠାରେ ବ୍ୟକ୍ତିଗତ କୃତି ସମୀକ୍ଷା ପ୍ରଚଳିତ ମୂଲ୍ୟାୟନର ଏକ ଅଂଶ ହେବା ଉଚିତ । କିଛି ସମୟ ପରେ ଶିକ୍ଷକ କୃତି ମାଧ୍ୟମରେ ମୂଲ୍ୟାୟନ କରିପାରବେ କିମ୍ବା ସହପାଠୀ ମୂଲ୍ୟାୟନ ପାଇଁ ଏ ଆଲୋଚନା ଅଧିବେଶନ କରିପାରିବେ । ଅନ୍ୟର କାର୍ଯ୍ୟ ଉପରେ ଦୃଷ୍ଟି ନିକ୍ଷେପ ପାଇଁ ଏହା ବିଭିନ୍ନ ବାଟରେ ବ୍ୟବହାର ହୋଇପାରେ, ଯେପରି -:

- ଶିକ୍ଷକ ଏବଂ ପିତାମାତା
- ଶିକ୍ଷାର୍ଥୀ ଏବଂ ସହପାଠୀ ମଧ୍ୟରେ
- ଶିକ୍ଷକ, ପିତାମାତା ଏବଂ ଛାତ୍ରଛାତ୍ରୀ ମଧ୍ୟରେ

ଛାତ୍ରଛାତ୍ରୀମାନେ ସେମାନଙ୍କ ନିଜ ଏବଂ ସହପାଠୀଙ୍କ କାର୍ଯ୍ୟ ଉପରେ ପ୍ରତିକ୍ରିୟାଶୀଳ ହେବା ମୂଲ୍ୟାୟନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ସେମାନଙ୍କର କାମକୁ ଅନ୍ୟମାନଙ୍କ ସହ ଆଲୋଚନା କରିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଳାତ୍ମକ ଅଭିବ୍ୟକ୍ତିର ପରିମାର୍ଜନା କରିବାକୁ ସାହାଯ୍ୟ କରେ । ଶିକ୍ଷକ ମଧ୍ୟ ନିର୍ଣ୍ଣାୟକ ଚିନ୍ତନର ବିକାଶ କରିବା ଏବଂ ନିଜ ଶିକ୍ଷଣର ଦାୟିତ୍ୱ ନେବାପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିପାରନ୍ତି । ଏହି ଅଭ୍ୟାସ ସେମାନଙ୍କୁ ସଂଙ୍କଳିତ ପ୍ରତ୍ୟକ୍ଷ ପ୍ରମାଣ ବା ବାସ୍ତବ ଅଭିବୃଦ୍ଧି ଦେଖିବାକୁ ଅନୁମତି ଦିଏ ଯାହା ସନ୍ତୋଷ ଏବଂ ଗର୍ବର ଏକ ବଡ ଉତ୍ସ ହୋଇ ପାରିବ । ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ଅଗ୍ରଗତି ତତ୍‌କ୍ଷଣାତ୍ ସହଜରେ ଦୃଶ୍ୟମାନ ହୋଇଥାଏ । ଏହା ଲିପିବଦ୍ଧ କରିବା ଗୁରୁତ୍ୱପୂର୍ଣ୍ଣ ଯେ ବ୍ୟକ୍ତିଗତ ଭାବେ ଜଣକୁ ଆହ୍ୱାନ କରିବା ଏବଂ କାର୍ଯ୍ୟ କରିବାର ନୂଆ ଧାରଣାକୁ ଅନୁସନ୍ଧାନ କରିବା କଳାତ୍ମକ ବିକାଶରେ ଅତ୍ୟାବଶ୍ୟକ ଅଟେ । ଏହା ସମସ୍ତ ପିଲାଙ୍କୁ ସ୍ପଷ୍ଟ କରାଯିବା ଉଚିତ୍ ଯେ ସେମାନଙ୍କର ସବୁ ଦୃଶ୍ୟକଳା କାର୍ଯ୍ୟ ସେହି କୃତିରେ ରହିବ ତାହା ସଂପୂର୍ଣ୍ଣ ହୋଇଥାଇପାରେ ବା ନୁହେଁ ଏବଂ ସବୁଗୁଡିକ ମୂଲ୍ୟାୟନ ହେବ । ଫଳତଃ ପିଲାଟି କଠିନ କାର୍ଯ୍ୟ କରିବାକୁ ଅଭିପ୍ରେରୀତ ହେବା ଅନୁଭବ କରିବ ।

## ୫.୬.ସାରାଂଶ

ଏହି ଏକକରେ ଆମେ ମୂଲ୍ୟାୟନର ମହତ୍ୱ ସହିତ ଏହାର ଉଦ୍ଦେଶ୍ୟରୁ ଆରମ୍ଭ କରିଥିଲେ । ଶିକ୍ଷଣରେ ଥିବା

ଅଭାବକୁ ନିରୂପଣ କରିବା ଏବଂ କଳା ପାଇଁ ଆଗ୍ରହ ସ୍ଥିର କରିବା ଏବଂ ସେମାନଙ୍କ ବୃଦ୍ଧି ପାଇଁ ଜ୍ଞାନ ପାଇବା ମୂଲ୍ୟାୟନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆମେ କଳା ମୂଲ୍ୟାୟନର ସୂଚକଗୁଡ଼ିକ ଆଲୋଚନା କରିଛେ । ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଆମେ ଆମ ପିଲାଙ୍କୁ ସଠିକ୍ ଭାବେ ବିଚାର କଲେ ଆମେ ଅଧିକ ଫଳପ୍ରଦ ଭାବେ ସେମାନଙ୍କର ଶିକ୍ଷଣକୁ ନିର୍ଦ୍ଦେଶନା ଦେବାରେ ସମର୍ଥ ହେବା । ମୂଲ୍ୟାୟନ ପ୍ରଣାଳୀରେ ଶିକ୍ଷକଙ୍କ ଭୂମିକା ବୁଝିବା ଅଧିକ ମାତ୍ରାରେ ଆବଶ୍ୟକ, ତେଣୁ ଏହି ଅଧ୍ୟାୟରେ ଆମେ କଳାରେ ମୂଲ୍ୟାୟନର ପ୍ରକ୍ରିୟା ଏବଂ ଫଳାଫଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ପାଇଁ ଚେଷ୍ଟା କରିଅଛୁ । ଆମେ ମଧ୍ୟ କେତେକ ସହାୟକ ସୂଚନା ଦେଇଛୁ ଯାହାକୁ ଆମେ ପିଲାମାନଙ୍କୁ ମୂଲ୍ୟାୟନ ବେଳେ ବ୍ୟବହାର କରିପାରିବା । ପୁଣି କୃତି ପ୍ରସ୍ତୁତିର ପ୍ରଣାଳୀଗୁଡ଼ିକ ବର୍ଣ୍ଣନା କରାଯାଇଛି କାରଣ କଳା ମୂଲ୍ୟାୟନରେ ଏହାର ମହତ୍ୱପୂର୍ଣ୍ଣ ଭୂମିକା ଅଛି । କୃତି ଧାରଣାଟିକୁ ତୁମର ବୁଝିବାପାଇଁ ଅତ୍ୟନ୍ତ ସ୍ୱଷ୍ଟ କରାଯାଇଛି ।

ମୂଲ୍ୟାୟନ ବିଶେଷ ଭାବରେ ପ୍ରାରମ୍ଭିକ ସ୍ତରରେ କଳାକାର୍ଯ୍ୟଗୁଡ଼ିକର ଅନୁକ୍ରମ ଅଟେ । ଯେଉଁଗୁଡ଼ିକୁ ସାମଗ୍ରିକ ଭାବେ କାର୍ଯ୍ୟକାରିତାକୁ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ପରିମାପ କରିବା ପାଇଁ ପରିକଳ୍ପନା କରାଯାଇଛି । ତେଣୁ ବିଭିନ୍ନ ପ୍ରକାର କୌଶଳ ଏବଂ ସାଧନୀ ଏବଂ ସେଗୁଡ଼ିକର ବ୍ୟବହାର ବିଷୟରେ ତୁମେ ଅତ୍ୟନ୍ତ ସ୍ୱଷ୍ଟ ହେବା ଉଚିତ । ଏହି ସାଧନୀଗୁଡ଼ିକ ପିଲାର ମୂଲ୍ୟାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ । ଆମେ ଦୃଢ଼ ନିଶ୍ଚିତ ଯେ ଏହି ସଂକ୍ଷିପ୍ତ ବର୍ଣ୍ଣନା ତୁମ ପାଇଁ ବିଦ୍ୟାଳୟରେ ଅତ୍ୟନ୍ତ ସାହାଯ୍ୟକାରୀ ରୂପେ ପ୍ରମାଣିତ ହେବ ।

## ୫.୭. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ - ୧

୧. ପିଲାର ଜ୍ଞାନ, କୌଶଳ, ଦକ୍ଷତା, ସୃଜନଶୀଳତା, ଅଭିବ୍ୟକ୍ତି, ଅବବୋଧ, ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକ ଜାଣିବା ହେଉଛି କଳା ମୂଲ୍ୟାୟନର ଉଦ୍ଦେଶ୍ୟ । ଏହା ମଧ୍ୟ ପିଲା ଏବଂ ତାର ପିତାମାତାଙ୍କୁ ପ୍ରତିପୁଷ୍ଟି ଦେବାପାଇଁ ଉଦ୍ଦିଷ୍ଟ ।

୨. ବହୁ ଯତ୍ନ ଓ ସାବଧାନତା ସହ ମୂଲ୍ୟାୟନ କରାଯିବ ଉଚିତ । ଶିକ୍ଷକ କଳାକାର୍ଯ୍ୟର ଉଦ୍ଦେଶ୍ୟ କାର୍ଯ୍ୟ ହେଉଥିବା ସ୍ଥାନର ସ୍ଥିତି, ପିଲାର ବିକାଶଗତ ସ୍ତର ଏବଂ ଜଣେ ବ୍ୟକ୍ତିର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ମନ ଭିତରେ ରଖିବା ଉଚିତ ।

(କ) ଭୁଲ୍ (ଖ) ଠିକ୍

### ନିଜ ଅଗ୍ରଗତି ଆକଳନ - ୨

୧. ସାମଗ୍ରିକ ମୂଲ୍ୟାୟନ - ଏହା ଅର୍ଥ ଗୋଟିଏ ଅଧିବେଶନ ଶେଷରେ ପିଲାକୁ ଦିଆଯାଉଥିବା ଅନ୍ତିମ ଶ୍ରେଣୀ ବା ଗ୍ରେଡ୍ ।

୨. ଶିକ୍ଷାର୍ଥୀମାନେ ସେମାନଙ୍କର ମତ ଦେଇପାରିବେ ।

### ନିଜ ଅଗ୍ରଗତି ଆକଳନ - ୩

୧. ୫.୨.୩. ଉପ ଶୀର୍ଷକ ସହ ସୂଚୀତ କର

୨. ଶିକ୍ଷକ ପିଲାର ନିଜ ବୁଦ୍ଧିକୁ ତୁଳନା କରିବା ଉଚିତ୍ ।

### ନିଜ ଅଗ୍ରଗତି ଆକଳନ କର - ୪

୧. ମୂଲ୍ୟାୟନର ଫଳାଫଳ ପିଲା ଏବଂ ପିତାମାତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

୨. ଶ୍ରେଣୀରେ ଥିବା ପିଲାମାନେ ସେମାନଙ୍କର କାର୍ଯ୍ୟକୁ ଅନ୍ୟମାନଙ୍କ ସହ ତୁଳନା କରନ୍ତି ଏବଂ ସୁସ୍ଥ

ଟିପ୍ପଣୀ

ଭାବରେ ପରସ୍ପର କାର୍ଯ୍ୟକୁ ସହଜରେ ପସନ୍ଦ ଓ ନା ପସନ୍ଦ କରନ୍ତି ।

**ନିଜ ଅଗ୍ରଗତି ଆକଳନ - ୫**

| | | |
|---|---|---|
| ୧. | ରେଖାଚିତ୍ର | ପେଶୀ କୌଶଳ |
| | ନୃତ୍ୟ | ଶରୀରଚାଳନା |
| | ରଙ୍ଗ ଦେବା | ରଙ୍ଗ ସଂଯୋଗ |
| | ନାଟ୍ୟଶାଳା | ବାର୍ତ୍ତାଳାପ ପ୍ରଦାନ |
| | ଚିତ୍ର ନିର୍ମାଣ (କାଗଜରୁ) | ସୃଜନଶୀଳତା |

**ନିଜ ଅଗ୍ରଗତି ଆକଳନ - ୬**

(କ) ନିର୍ଦ୍ଧାରଣ ମାପକ

(ଖ) ପର୍ଯ୍ୟବେକ୍ଷଣ ଫର୍ଦ୍ଦ

(ଗ) ଘଟଣାବଳୀ ବିବରଣୀ

(ଘ) ଶେଷ

୨. (କ) ପିଲାର ବ୍ୟବହାର ସଂପର୍କରେ ଶିକ୍ଷକଙ୍କ ଆନୁଷ୍ଠାନିକ ପର୍ଯ୍ୟବେକ୍ଷଣର ବିବରଣୀ

(ଖ) ଘଟଣାର ସଠିକ୍ ବର୍ଣ୍ଣନା, ଘଟଣାର ବାଖ୍ୟା, ବ୍ୟକ୍ତିଗତ ବିକାଶ ଏବଂ ବ୍ୟବହାର ସହ ସଂପର୍କ ।

**ନିଜ ଅଗ୍ରଗତି ଆକଳନ - ୭**

୧. ସୂଚକଗୁଡ଼ିକ ଜରିଆରେ ଜଣେ ଶିକ୍ଷକ ମୂଲ୍ୟାୟନର ଲକ୍ଷ୍ୟ ଏବଂ ଅଗ୍ରାଧିକାରଗୁଡ଼ିକ ନିର୍ଦ୍ଧାରଣ କରିବେ । ସେ ସୂଚକ ସାହାଯ୍ୟରେ ଏକ ନିର୍ଦ୍ଦିଷ୍ଟ ପିଲାର ଉପଲବ୍ଧି ଏବଂ ଆବଶ୍ୟକତା ପରିମାପ କରିପାରିବେ ।

୨. (କ) ସହଯୋଗୀ

(ଖ) ଅତ୍ୟନ୍ତ ଦାମ୍ଭିକ

(ଗ) ଆଜ୍ଞାବହ

**ନିଜ ଅଗ୍ରଗତି ଆକଳନ - ୮**

୧. କଳା କାର୍ଯ୍ୟର ସଂଗ୍ରହ ହେଉଛି କୃତି । ଏହା ଫାଇଲ କିମ୍ବା ନଥି ହୋଇପାରିବ ଯେଉଁଠାରେ ଭବିଷ୍ୟତ ପାଇଁ ସବୁ କଳାକାର୍ଯ୍ୟ ଏକାଠି କରାଯାଇପାରିବ । ଯେତେବେଳେ ଏକ ଦୃଶ୍ୟକଳା କରାଯାଉଛି । ଏହାକୁ କୃତିରେ ରଖାଯାଇପାରିବ ।

**ନିଜ ଅଗ୍ରଗତି ଆକଳନ - ୯**

୧. କ). ଚିତ୍ରାଙ୍କନ

ଖ). ଚିତ୍ର

ଗ).ଚିତ୍ର ନିର୍ମାଣ (କାଗଜରେ)

୨. କ) ବର୍ଷ ଶେଷରେ ମୂଲ୍ୟାୟନ ପାଇଁ

ଖ) ଗୋଟିଏ ପିଲା ଭିତରେ ବୃଦ୍ଧିର ନଥି / ପ୍ରମାଣ ରଖିବା ପାଇଁ

୩. ଛାତ୍ରଛାତ୍ରୀମାନେ ସେମାନଙ୍କର କଳାକାର୍ଯ୍ୟ ଗୁଡିକୁ ଦେଇପାରନ୍ତି ।

## ୫.୮. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Position Paper: National Focus Group on Art, Music, Dance and Theatre. Published (2006), NCERT,New Delhi
- Position Paper: National Focus Group on Heritage Crafts. (2005), Published(2006), NCERT, New Delhi
- Handbook on guideline for Art integrated learning – NCERT http://en.wikipedia.org/wiki/Evaluation

  http://www.ncert.nic.in/rightside/links/pdf/framework/nf2005.pdf

  http://www.evaluationtrust.org/evaluation

  http://www.teachervision.fen.com/classroom-management/resource/5803.html

  http://www.irvingisd.net/curriculum/curriculum/art/elementhtmary.

  http://www.cedfa.org/teaching/curriculum/artframework.pdf

  http://www.princetonol.com/groups/iad/lessons/middle/middlelessons.html


## ୫.୯. ପାଠାନ୍ତ ପ୍ରଶ୍ନାବଳୀ

୧. କଳାରେ ମୂଲ୍ୟାୟନର ଗୁରୁତ୍ୱ ବର୍ଣ୍ଣନା କର ।

୨. ଧାରାବାହିକ ଏବଂ ସାମଗ୍ରିକ ମୂଲ୍ୟାୟନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୩. କୃତିର ମହତ୍ୱ ସ୍ପଷ୍ଟ କର, ତୁମେ କିପରି ଗୋଟିଏ କୃତିକୁ ମୂଲ୍ୟାୟନ ପାଇଁ ବ୍ୟବହାର କରିବ ?

୪. ତୁମେ ମୂଲ୍ୟାୟନର ସୂଚକ କହିଲେ କ'ଣ ବୁଝ ?

୫. ଅନ୍ୟ ବିଷୟର ମୂଲ୍ୟାୟନଠାରୁ କଳାର ମୂଲ୍ୟାୟନ ଅଲଗା କିପରି ?

୬. ନିମ୍ନରେ ଦିଆଯାଇଥିବା ମୂଲ୍ୟାୟନ ସାଧନୀଗୁଡିକର ଉପକାରିତା ଦର୍ଶାଅ ।

- ପର୍ଯ୍ୟବେକ୍ଷଣ ଫର୍ଦ୍ଦ
- ପ୍ରଦର୍ଶନ
- ତନଖି ତାଲିକା

୭. ମୂଲ୍ୟାୟନ ପାଇଁ ବହୁତଗୁଡ଼ିଏ ସାଧନୀ ଏବଂ କୌଶଳ ସବୁ ଆମେ କାହିଁକି ବ୍ୟବହାର କରୁ ?

୮. ଘଟଣାବଳୀ ବିବରଣର ଏକ ନମୁନା ପ୍ରସ୍ତୁତ କର ।

୯. ତଳେ ଦିଆଯାଇଥିବା ଚାରୋଟି ପରିସ୍ଥିତିରେ ତୁମେ କେଉଁ ସାଧନୀ ବ୍ୟବହାର ପାଇଁ ପସନ୍ଦ କରିବ ଚିହ୍ନଟ କର ।

ଭାସ୍କର କାର୍ଯ୍ୟ ପ୍ରସ୍ତୁତି

ନୃତ୍ୟ

ଦଳଗତ କାର୍ଯ୍ୟ

ଭୂମିକା ଅଭିନୟ ।